

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲା ସମ୍ମିଳନୀରେ ଉପସ୍ଥିତ ଅତିଥି।

# 'ବରିଷ୍ଠ ନାଗରିକଙ୍କୁ ସୁରକ୍ଷା' ନିୟମ କାର୍ଯ୍ୟକାରୀ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୪।୩**

ବାଲେଶ୍ୱର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଜିଲା ସମ୍ମିଳନୀ ସୋମବାର ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ଜିଲାପାଳ ରମେଶ ଚନ୍ଦ୍ର ରାଉତ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିୟମ କାର୍ଯ୍ୟକାରୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଷ୍ଟ୍ର ନିର୍ମାଣରେ ଶ୍ରମ ସହିତ ଜୀବନର ଅଧିକ ସମୟ ନିୟୋଜିତ କରିଥିବା ସରକାରୀ କର୍ମଚାରୀମାନେ ବୟସର ଅପରାହ୍ନରେ ପରିବାରଠାରୁ ଆରମ୍ଭ କରି ସମାଜରେ ସବୁଠି ଅବହେଳିତ ହେବା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି କହିଥିଲେ।

ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ବନମାଳୀ ନାୟକ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଆଇଟିଆର ନିର୍ଦ୍ଦେଶକ ଡ. ବିନୟ କୁମାର ଦାସ, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଯୋଗଦେଇ ସଂଘର ଏକତା ଓ ଦାୟିତ୍ୱବୋଧକୁ ପ୍ରଶଂସା କରିବା ସହ ସଙ୍ଗଠନର ସମାଜସେବା ମୂଳକ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ନିଶ୍ଚିତ ପ୍ରେରଣା ହେବ ବୋଲି ଆଶା ପ୍ରକଟ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସଂଘର ସ୍ମରଣିକା 'ଉତ୍ତରାୟଣ'କୁ ଉନ୍ମୋଚନ କରାଯାଇଥିଲା। ଜିଲାର ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବେଣୁଧର ପାଳ, ଗୌରାଙ୍ଗ ପାଣିଗ୍ରାହୀ, ସ୍ୱର୍ଣ୍ଣଲତା ସ୍ୱାଇଁ, ଶଶାଙ୍କ ଶେଖର ଦତ୍ତ, ରମେଶ ଚନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା, ଭବେଶ ପଣ୍ଡା, ପଦ୍ମଲୋଚନ ଦତ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୬ରୁ କ୍ଷୀରଚୋରା ମହୋତ୍ସବ

**ରେମୁଣା, ୪।୩(ଡି.ଏନ.ଏ.)**

କ୍ଷୀରଚୋରାଙ୍କ ମନ୍ଦିରର ୩୬୬ତମ ମହୋତ୍ସବ ଚଳିତ ମାସ ୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କ୍ଷୀରଚୋରା ଗୋପୀନାଥଙ୍କ ପରମଭକ୍ତ ତଥା ପୂଜକ ରସିକାନନ୍ଦ ଦେବଗୋସ୍ୱାମୀଙ୍କ ଅନ୍ତର୍ଦ୍ଧାନ ଦିବସ ଉପଲକ୍ଷେ ମହୋତ୍ସବ ଆୟୋଜିତ ହୋଇଥାଏ। ଚଳିତବର୍ଷ ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସ କରାଯାଇଛି।

୧୪ଦିନ ଧରି ଚାଲିବାକୁ ଥିବା ମହୋତ୍ସବ ସମ୍ପର୍କରେ ସୋମବାର ସନ୍ଧ୍ୟାରେ ମନ୍ଦିର ପକ୍ଷରୁ ଆହୂତ ଏକ ଖବରଦାତା ସମ୍ମିଳନୀରେ ବିସ୍ତୃତ ସୂଚନା ପ୍ରଦାନ କରି ନିର୍ବାହୀ ଅଧିକାରୀ ହରମୋହନ ଦାଶ କହିଥିଲେ ଯେ, ପ୍ରତିବର୍ଷ ପରି ଶିବରାତ୍ରୀ ପରଦିନଠାରୁ ଅଧିବାସ ଆରମ୍ଭ ହୋଇ ହୋଲି ପୂର୍ବଦିନ ମହୋତ୍ସବ ଉଦ୍‌ଯାପିତ ହେବ। ଏହି ସମୟରେ ଅହର୍ନିଶି ନାମ ସଂକୀର୍ତ୍ତନ ଅନୁଷ୍ଠିତ ହେବ। ଗୁରୁବାର ସକାଳଠାରୁ ନାମଯଜ୍ଞ ଆରମ୍ଭ ହେବ। ୯ତାରିଖରେ ମାଣିକଖନ୍ଦା, ୧୦ରେ ଚଉଷଠା ପରଷା ଯିବ। ସବୁଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।



ମହିଳାମାନଙ୍କ ଦ୍ୱାରା ହିଙ୍ଗୁଳା ମେଳା ପଡ଼ିଆ ସଫେଇ କରାଯାଉଛି।

# ମେଳାପଡ଼ିଆ ସଫେଇ କଲେ ମହିଳା

**ବଡ଼ସାହି, ୪।୩(ସ୍ୱ.ପ୍ର.)**

ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ବାର୍ଷିକ ପୂଜା ପରେ ମେଳା ପଡିଆରେ ପଡିଥିବା ଆବର୍ଜନାକୁ ବିଜୁ ମହିଳା ମୋର୍ଚ୍ଚା ପକ୍ଷରୁ ସଫେଇ କରାଯାଇଛି। ବିଜୁ ମହିଳା ସଭାପତି ସୀତା ହାଁସଦାଙ୍କ ନେତୃତ୍ୱରେ ମହିଳାମାନେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ସାମୂହିକ ଭାବେ ମେଳା ଓ ମନ୍ଦିର ପରିସର ସଫେଇ କରିଥିଲେ। ଜାତି ଓ ଧର୍ମ ଭେଦଭାବକୁ ଭୁଲି ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟର ମହିଳାମାନେ ଏକାଠି ହୋଇ ଏହି ସଫେଇ କାର୍ଯ୍ୟ କରିଥିଲେ। କଉଡିଖଣି ୱାର୍ଡସଭ୍ୟା ଲକ୍ଷ୍ମୀ ସିଂ, ସୋମବାରୀ ସିଂ, ରଇବାରୀ ସିଂ, ଶୁକୁରୁ ସିଂ, ଗୋଦାବରୀ ଭଞ୍ଜବାବୁ, ମାଳତୀ ସେଠୀ, ଫୁଲ ସରେନ, ଗୁରୁବାରୀ ସରେନ, ଦୁଲାରୀ ମୁର୍ମୁ, ରେମା ବିବି, ସଫିରନ ବିବି, ନେଜାତୁନ ବିବି, ଅନୱର ବିବି, ରିଆନା ବିବିଙ୍କ ସମେତ ବହୁ ମହିଳା ଏଥିରେ ସାମିଲ ଥିଲେ। ମହିଳାମାନଙ୍କ ଏଭଳି କାର୍ଯ୍ୟକ୍ରମକୁ ଦେଖି ବୁଦ୍ଧିଜିବୀ ମହଲରେ ପ୍ରଶଂସା କରାଯାଉଛି।

# ଜ୍ଞାନବିଜ୍ଞାନ ବିଦ୍ୟାଳୟ ବାର୍ଷିକ ଉତ୍ସବ

**କପ୍ତିପଦା, ୪।୩(ଡି.ଏନ.ଏ.)**

କପ୍ତିପଦା ବ୍ଲକ ଅଧୀନ ନୂଆସାହିସ୍ଥିତ ଜ୍ଞାନବିଜ୍ଞାନ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ଅଜୟ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ଼ଃ ଶ୍ୟାମସୁନ୍ଦର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜଗନ୍ନାଥ ବିଶ୍ୱାଳ, ସମ୍ମାନନୀୟ ଅତିଥି ଭାବେ ଜବାହରଲାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ନକୁଳ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପାଧ୍ୟକ୍ଷ ସୁଶାନ୍ତ କୁମାର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ନାଟକ 'ବୃଦ୍ଧାଶ୍ରମ' ପରିବେଷିତ ହୋଇଥିଲା।

# ନୀଳମଣି କଲେଜରେ ରକ୍ତଦାନ ଶିବିର

**ରୂପ୍‌ସା, ୪।୩(ଡି.ଏନ.ଏ.):** ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ରେଡ୍ ରିବନ ଓ ରୋଭର ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲଡ ବ୍ୟାଙ୍କ ଅଫିସର ଡା. ମହେଶ କୁମାର ବିଶ୍ୱାଳ ଓ ପ୍ରାଧ୍ୟାପକ ଡ. ଜୟନ୍ତ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ବିଜୟ କୁମାର ବେହେରା ଓ ଅଧ୍ୟାପିକା ଡ. ଆରୁଣୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅଧ୍ୟକ୍ଷ ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଚନ୍ଦନ କୁମାର ଦାସ, ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ରଶ୍ମିତା ନାୟକ ଓ ମିତାଲି ମଧୁସ୍ମିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।





# CLASSIFIED DISPLAY















## ସଂକ୍ଷେପରେ

### ଘୂର୍ଣ୍ଣିଝଡ଼ରେ ଉଡ଼ିଲା ଛପର, ଭାଙ୍ଗିଲା ଗଛ

**ଚାନ୍ଦବାଲି, ୪।୩ (ଡି.ଏନ.ଏ.):** ସୋମବାର ଅପରାହ୍ଣରେ ଘୂର୍ଣ୍ଣିଝଡ଼ରେ ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବଡ଼ହରିପୁର ଗାଁର ପ୍ରାୟ ୧୨ ବଖରା ଘରର ଛପର ଉଡ଼ିଯାଇଛି। ଏଥିସହ କେତେକ ଗଛ ଭାଙ୍ଗିଯାଇଛି। ସୂଚନା ଅନୁସାରେ, ଗାଁର ଶିଶିର ମଲ୍ଲିକଙ୍କ ୪ ବଖରା ଚାଳଘର, ଭଗବାନ ବେହେରାଙ୍କର ୨ ବଖରା ଚାଳଘର, ସ୍ୱପ୍ନାରାଣୀ ବଳଙ୍କ ୨ ବଖରା ଆଜବେଷ୍ଟସ ଘର, ରବୀନ୍ଦ୍ର ମଲ୍ଲିକଙ୍କ ୨ ଓ ଯୋଗେନ୍ଦ୍ର କରଣଙ୍କ ୨ ବଖରା ଚାଳଘର ଛପର ଉଡ଼ିଯାଇଛି।

### ତାଲା ଭାଙ୍ଗି ଘରୁ ଚୋରି

**ଭଣ୍ଡାରିପୋଖରୀ, ୪।୩ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମାନସ ରଞ୍ଜନ ଚକ୍ରବର୍ତ୍ତୀଙ୍କ ଘରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଚୋରମାନେ ଗେଟ୍ ତାଲା ଭାଙ୍ଗି ଘରେ ପଶି ସୁନାଗହଣା ସହ ଟିଭି, ଇନଭର୍ଟର୍, ବ୍ୟାଟେରି, ଗ୍ୟାସଟାଙ୍କି, ପିତ୍ତଳ ହଣ୍ଡା ଆଦି ଚୋରି କରି ନେଇଯାଇଛନ୍ତି। ମାନସ ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ସାଇଣ୍ଟିଫିକ୍ ଟିମ୍ ଲଗାଇ ତନାଘନା ଚଳାଇଛି। ସୂଚନା ଅନୁସାରେ, ମାନସ ଓ ତାଙ୍କ ପରିବାର ଯାଜପୁର ଜିଲା ପ୍ରୀତିପୁରସ୍ଥିତ ନିଜ ଗ୍ରାମକୁ ଏକ ଶୁଦ୍ଧକ୍ରିୟାରେ ଯୋଗଦେବାକୁ ଯାଇଥିଲେ। ସୋମବାର ସକାଳୁ ଗେଟ୍ ଭଙ୍ଗାଯାଇଥିବା ଦେଖି ପଡ଼ୋଶୀ ତାଙ୍କୁ ଜଣାଇଥିଲେ। ମାନସ ଆସି ଘରୁ ସବୁ ଜିନିଷ ଚୋରି ହୋଇଯାଇଥିବା ଦେଖିଥିଲେ।

### ଅଗ୍ନିକାଣ୍ଡ: ଗାଈ ଜୀବନ୍ତ ଦଗ୍ଧ

**ଭଦ୍ରକ ଅଫିସ, ୪।୩ :** ଭଦ୍ରକ ପୌରାଞ୍ଚଳ ଅଧୀନ ଗବସାହି ଗଗନ ବିହାରୀ ଦାସଙ୍କ ଗୁହାଳରେ ସୋମବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି। ଅନ୍ୟ ଏକ ଗାଈ ପୋଡ଼ିଯାଇ ଗୁରୁତର ହୋଇଛି। ଭଦ୍ରକ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ ମଶାଦାଉରୁ ରକ୍ଷା ପାଇଁ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ■ ଉତ୍ସବମୁଖର ଶୈବପୀଠ

# ଆଶିଷ ଆଶାରେ ଶ୍ରଦ୍ଧାଳୁ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ/ବନ୍ତ/ବାସୁଦେବପୁର/ଧାମନଗର/ତିହିଡ଼ି, ୪।୩(ଡି.ଏନ.ଏ./ସ୍ୱ.ପ୍ର.)**



ଭଦ୍ରକର ବାବା ଲୋକନାଥଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

ମହାଶିବରାତ୍ରି ପାଇଁ ଭଦ୍ରକ ଜିଲାର ସମସ୍ତ ଶୈବପୀଠ ଉତ୍ସବମୁଖର। ସାରାଦିନ ଉପବାସ ରହି ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ଉଜାଗର ରହିଥିଲେ। ଭଦ୍ରକ ସହରର ପ୍ରମୁଖ ଶୈବପୀଠଗୁଡ଼ିକରେ ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କେଉଁଠି ଭଜନ ସନ୍ଧ୍ୟା ତ ଆଉ କେଉଁଠି ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଲୋକନାଥ ମନ୍ଦିର ପରିସରରେ ସକାଳୁ ମହିଳା ଓ ପୁରୁଷ ଭକ୍ତଙ୍କ ଲମ୍ବାଧାଡ଼ି ଲାଗିଥିଲା। ମନ୍ଦିର ନିକଟରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଲମ୍ବାଧାଡ଼ିରେ ଭକ୍ତମାନେ ବାବାଙ୍କୁ ଦର୍ଶନ କରିଥିଲେ। ବ୍ଲକ କଲୋନୀସ୍ଥିତ ଭବାନୀଶଙ୍କର ପୀଠରେ ଭଜନ ସନ୍ଧ୍ୟା ଓ ମହିଳା ପାଲା ପାଖରେ ଲୋକାରଣ୍ୟ ଦେଖିବାକୁ ମିଳିଥିଲା।

ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ଶୀତିକଣ୍ଠେଶ୍ୱର, ଚନ୍ଦ୍ରଭାନୁପୁରରେ ଚନ୍ଦ୍ରଶେଖର, ମାଳଦାର ଛୋଟେଶ୍ୱର, କୁରିଗାଁର କୁରଙ୍ଗେଶ୍ୱର, ଝୁଟଣାର ଅଷ୍ଟଶମ୍ଭୁ, ଅଗେଇବେରାର ଆଖଣ୍ଡଳେଶ୍ୱର, ନାଆଁମୀର ଭୁତେଶ୍ୱର, ସାତଶୋଳାର ଅଖିଳେଶ୍ୱର, ବନ୍ଦାଳର ଦାଦେଶ୍ୱର, ଶାସନର ଶାସନେଶ୍ୱର, ଭଣ୍ଡାରିପୋଖରୀ ବଜାରର ଦର୍ପେଶ୍ୱର-ବର୍ୟାଁବନାପୁରର ଧର୍ମେଶ୍ୱର, ଆକୁଳିକଣାର ବରୁଣେଶ୍ୱର, ରାଢୋର ବିଘ୍ନେଶ୍ୱର, ରହଣିଆର ନୂଆମହାଦେବ, ନାଉରିଗଡିଆର ନନ୍ଦେଶ୍ୱର, ନଗୁଁଆର ନାଗେଶ୍ୱର, କହରାପୋଖରୀର ଗୋଟେଶ୍ୱର, ମୁଢାପଦାର ବାବା ବୈଦ୍ୟନାଥ, କୁଶଗଡିଆର ବାବା କୁଶଳେଶ୍ୱର ଆଦି ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଅଣିଜୋସ୍ଥିତ ବାବା ସିନ୍ଧୁକେଶ୍ୱର ମହାଦେବଙ୍କ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ଆଡିଆସ୍ଥିତ ଆରଡେଶ୍ୱର, ବିଟିପୁରର ସିରିଡି ରାମେଶ୍ୱର, ନୀଳକଣ୍ଠେଶ୍ୱର, ଗଡେଶ୍ୱର ମହାଦେବ, ଥାନା ପରିସରରେ ମୃତ୍ୟୁଞ୍ଜୟ ମହାଦେବ, ବେଲେଶ୍ୱରପୁରସ୍ଥିତ ବେଲେଶ୍ୱର, ପୁରୁଷଣ୍ଡରେ ପାରକେଶ୍ୱର, ରାଉତରାପୁରରେ ସୁବର୍ଣ୍ଣେଶ୍ୱର, ବଡବର୍ଦ୍ଧକୟାଁରେ ଦାରୁ ବ୍ରହ୍ମେଶ୍ୱର ସମେତ ବିଭିନ୍ନ ପୀଠରେ ମହାଶିବରାତ୍ରି ଓ ଜାଗର ଯାତ୍ରା ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ବାସୁଦେବପୁର ବ୍ରାହ୍ମଣଗାଁରେ ବାବା ପ୍ରସନ୍ନ କ୍ଷେମେଶ୍ୱର ମହାଦେବ, ଚୁଡାମଣିର କ୍ଷେମେଶ୍ୱର, ପଡୁଁଆର ବାବା କ୍ଷୀରେଶ୍ୱର, ଭୈରବପୁର ଗ୍ରାମର ଭବନୀଶଙ୍କର ମହାଦେବ, ଉଚ୍ଛଡିହା ଗ୍ରାମର ବାବା ସିଦ୍ଧେଶ୍ୱର, ରାଧାବଲ୍ଲଭପୁର ଗ୍ରାମର ବାବା ସିନ୍ଧୁକେଶ୍ୱର, ଭାଟପଡାର ବୁଢା ମହାଦେବ ସମେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଶୈବମନ୍ଦିର ସାମ୍ନାରେ ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା।

ଧାମନଗର ବ୍ଲକରେ ଖଙ୍ଗରାର କିଳାଟେଶ୍ୱର, ଆମ୍ବିଳିଗାଁର ଆମ୍ବିଳେଶ୍ୱର, ଆନନ୍ଦପୁରରେ ଝାଡେଶ୍ୱର, ଧାମନଗରରେ ହଟେଶ୍ୱର, ପଧାନୀରେ ମୁକ୍ତେଶ୍ୱର, ଫଳପୁରରେ ଅରଳେଶ୍ୱର, ଗଡଗଡିଆ ମହେଦେବ ପୀଠ ଆଦି ଉତ୍ସବମୁଖର ହୋଇଉଠିଥିଲା। ତିହିଡ଼ି ବ୍ଲକରେ ଶହେ ଶିବଲିଙ୍ଗର ଗାଁ ରୂପେ ପରିଚିତ ନରେନ୍ଦ୍ରପୁର ଉତ୍ସବମୁଖର ହୋଇଥିଲା। ଗ୍ରାମସ୍ଥିତ ବିଭିନ୍ନ ଶିବମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାଛଡ଼ା ସୟା ପଞ୍ଚାୟତ ବାଉଁଶବାଗ ଗ୍ରାମର ବୁଢ଼ାମହାଦେବ ଭାବେ ପରିଚିତ ମୁକ୍ତେଶ୍ୱର, ଗୁଆମାଳସ୍ଥିତ କୁମାରେଶ୍ୱର, ଶଙ୍ଖିଡ଼ାସ୍ଥିତ ଶଙ୍ଖଡ଼େଶ୍ୱର, ବଡ଼ଗାଲୋସ୍ଥିତ ବକ୍ରେଶ୍ୱର, ସିନ୍ଦୋଳ ଶାସନସ୍ଥିତ କୁଶଳେଶ୍ୱର, ଝିଙ୍କିରିଆସ୍ଥିତ ଅମରେଶ୍ୱର, ମୂଷାଙ୍ଗସ୍ଥିତ ବାଲୁକେଶ୍ୱର ଆଦି ଶୈବପୀଠରେ ଜାଗରଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଥିଲା।

### ଡମ୍ଫର ସହ ବସ୍ ଧକ୍କା: ୪ ଗୁରୁତର

**ଭଦ୍ରକ ଅଫିସ, ୪।୩**

ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ଅସୁରା ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ପୂର୍ବରୁ ଅଟକି ରହିଥିବା ଏକ ଡମ୍ଫର ସହ ଯାତ୍ରୀବାହୀ ବସ୍ ଧକ୍କାରେ ୧୦ ଜଣ ଆହତ ହୋଇଥିବା ବେଳେ ୪ ଗୁରୁତର ହୋଇଛନ୍ତି। ସେମାନେ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ଗୁରୁତରମାନେ ପଶ୍ଚିମବଙ୍ଗ ଟାଲିଗଞ୍ଜ ଅଞ୍ଚଳର ସପନ ଚୌଧୁରୀ, ସିପ୍ରା ଚୌଧୁରୀ, ଏମ୍.ଡି କାମୁଏଲ, ଶ୍ୟାମନାରାୟଣ ବୋଲି ଜଣାପଡ଼ିଛି। ଡଲଫିନ ନାମକ ଏକ ଘରୋଇ ବସ୍ ପୁରୀରୁ କଲିକତା ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରୁ ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲା।

### ଭଦ୍ରକରେ ଅଟକିବ କନ୍ୟାକୁମାରୀ ଏକ୍ସପ୍ରେସ

**ଭଦ୍ରକ ଅଫିସ, ୪।୩**

ଏଣିକି ଭଦ୍ରକ ଷ୍ଟେଶନରେ ହାଓ୍ୱଡା କନ୍ୟାକୁମାରୀ ଏକ୍ସପ୍ରେସ (୧୨୬୬୫/୬୬) ରହଣି କରିବ। ସୋମବାର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଏହି ଘୋଷଣା କରିଛନ୍ତି। ପୂର୍ବରୁ ଏହି ଟ୍ରେନ ରହଣି ପାଇଁ ଜିଲା ଭାଜପା ପକ୍ଷରୁ ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଯାହାକି ଆଜି ପୂରଣ ହୋଇଛି ବୋଲି ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ କହିଥିଲେ।

### ଭାରତ ଭ୍ରମଣ ପୂର୍ବରୁ ମନ୍ଦିରରେ ସଙ୍କଳ୍ପ

**ତିହିଡ଼ି, ୪।୩ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ମୁକୁନ୍ଦପୁର ପଞ୍ଚାୟତ କାଳିମେଘା ଗ୍ରାମର ସାମାଜିକ କର୍ମୀ ତ୍ରିଲୋଚନ ମହାଳିକ ଭାରତ ଭ୍ରମଣ କରିବେ। ଆସନ୍ତା ୨୪ ତାରିଖ ବିଶ୍ୱ ଯକ୍ଷ୍ମା ଦିବସରେ ସାଇକେଲରେ ସେ ଏହି ଯାତ୍ରା ଆରମ୍ଭ କରିବେ। ଯକ୍ଷ୍ମା ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ୨୦ଟି ରାଜ୍ୟର ୧୦ ହଜାର କି.ମି.ରୁ ଉର୍ଦ୍ଧ୍ୱ ସେ ଭ୍ରମଣ କରିବେ। ଏହି ଉପଲକ୍ଷେ ତ୍ରିଲୋଚନ ସୋମବାର ହଳଦିଡିହ ବାଇପାସ୍‌ସ୍ଥିତ ଭାରତମାତାଙ୍କ ମନ୍ଦିରରେ ସଂକଳ୍ପବଦ୍ଧ ହୋଇଛନ୍ତି। ସେ ବ୍ୟବହାର କରିବାକୁ ଥିବା ସାଇକେଲ ପୂଜା କରିବା ସହିତ ତାଙ୍କ ଭ୍ରମଣର ସଫଳତା ପାଇଁ ମା'ଙ୍କ କୃପା ଭିକ୍ଷା କରିଥିଲେ। ଏଥିସହିତ ସେ ଦେଶବ୍ୟାପି ଯକ୍ଷ୍ମାରେ ଆକ୍ରାନ୍ତ ଲୋକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ତ୍ରିଲୋଚନଙ୍କ ସହିତ ତାଙ୍କ ମା' ମିନତି ମହାଳିକ, ସମ୍ପର୍କୀୟ ଶରତ କୁମାର ସାହୁ, ଆଦିତ୍ୟ ନାୟକ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ। ପ୍ରକାଶ ଯେ, ତ୍ରିଲୋଚନ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ସଭା ଓ ପ୍ରଚାରପତ୍ର ମାଧ୍ୟମରେ ଯକ୍ଷ୍ମା ସମ୍ପର୍କରେ ସଚେତନତା ବାର୍ତ୍ତା ଦେବେ।

## କୁଆମରାରେ ଖୋଲିଲା କୌଶଳ ବିକାଶ କେନ୍ଦ୍ର

**ଭଦ୍ରକ ଅଫିସ, ୪।୩**

ଚାନ୍ଦବାଲି ବ୍ଲକ ଅଧୀନ କୁଆମରା ପଞ୍ଚାୟତରେ ଆଦାନୀ ସ୍କିଲ ଡେଭ୍‌ଲପମେଣ୍ଟ ସେଣ୍ଟର ବା ଆଦାନୀ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଚାନ୍ଦବାଲି ଗସ୍ତରେ ଆସିଥିବା ବେଳେ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଅର୍ଜୁନ ଚରଣ ସେଠୀ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ବ୍ୟୋମକେଶ ରାୟ, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ସହ ଆଦାନୀ ଫାଉଣ୍ଡେଶନର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ଥାନୀୟ ଯୁବପିଢ଼ିଙ୍କୁ ତାଲିମ ମାଧ୍ୟମରେ ସ୍ୱାବଲମ୍ବୀ କରିବା ପାଇଁ କୁଆମରାଠାରେ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଚାନ୍ଦବାଲି ଅଞ୍ଚଳରେ ସ୍ଥାନୀୟ ଯୁବକମାନେ ଏଠାରେ ତାଲିମ ନେଇ ରୋଜଗାର ମାଧ୍ୟମରେ ନିଜକୁ ସ୍ୱାବଲମ୍ବୀ କରିପାରିବେ ବୋଲି ଆଶାବ୍ୟକ୍ତ କରାଯାଇଛି। ଏହି କେନ୍ଦ୍ରରେ ସମସ୍ତ ପ୍ରକାର ବୈଷୟିକ ଏବଂ ଅଣବୈଷୟିକ ସମ୍ବଳ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ପରୀକ୍ଷାଗାର, ୧୫ଟି ସିଲେଇ ମେଶିନ ବିଶିଷ୍ଟ ତାଲିମ କେନ୍ଦ୍ର, ଶିକ୍ଷା ନିମନ୍ତେ ୩୦ଟି କମ୍ପ୍ୟୁଟର, ଇଣ୍ଟରନେଟ ସୁବିଧା, ସୁଚାରୁ ଶ୍ରେଣୀଗୃହ, ସୁରକ୍ଷା ନିମନ୍ତେ ସିସିଟିଭି ଆଦି ଯୋଗାଇ ଦିଆଯାଉଛି।

## ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

**ଭଣ୍ଡାରିପୋଖରୀ, ୪।୩ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ସ୍ଥାନୀୟ ବିଧାୟକ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ସାମଲ ପ୍ରାରମ୍ଭରେ ଭଣ୍ଡାରିପୋଖରୀ କଲେଜ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଙ୍କ ପାଇଁ ୧ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଆବାସିକ ଗୃହ, ବ୍ଲକ ପରିସରରେ ୮ ଲକ୍ଷ ବ୍ୟୟରେ ଏସ୍‌ଏସ୍‌ଜି ଗ୍ରୁପ ଲାଗି ବିଶ୍ରାମଗୃହ, ଜନସାଧାରଣଙ୍କ ନିମନ୍ତେ ୭.୫୦ ଲକ୍ଷ ବ୍ୟୟରେ ଏକ ଗୃହ ଉଦ୍‌ଘାଟନ କରିଥିଲେ। ପରେ ତେସିଙ୍ଗା ପଞ୍ଚାୟତ କୁଲଣା ବାସୁଳାଇ ପଡ଼ିଆଠାରେ ୧୦ଲକ୍ଷ ଟଙ୍କା ବ୍ୟୟରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ, ଏସ୍‌ଏସ୍‌ଜି ଗ୍ରୁପ ଗୃହ ଓ ଅଙ୍ଗନୱାଡି ଗୃହ ଉଦ୍‌ଘାଟନ, ବିଶୋଳ ଚାଇଁଖିଆ ରାସ୍ତା ଶିଳାନ୍ୟାସ, ତୁଳପଦୀଠାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରାଯାଇଥିଲା। ସେହିପରି ଓଳା ଓ ସାନବନସ୍ତା ରାସ୍ତା, ଏସ୍‌ଏସ୍‌ଜି ଗ୍ରୁପ ଗୃହ ଉଦ୍‌ଘାଟନ, ସିମୁଳିଆଠାରେ ୫ ଲକ୍ଷ ବ୍ୟୟରେ ମିଶନଶକ୍ତି ଗୃହ, ୧୦ ଲକ୍ଷ ଟଙ୍କା ବ୍ୟୟରେ ଶ୍ମଶାନ ଓ ରାସ୍ତା ଉଦ୍‌ଘାଟନ କରାଯାଇଥିଲା। ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ତଥାଗତ ସାମଲ, ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପ୍ରଣିତକାନ୍ତ ସାମଲ, ବିଡିଓ ବନମାଳୀ ତରାଇ, ସଙ୍ଗୀତା ଖଣ୍ଡାୟୀ, ଲଳିତ ରାଉତ, ରାଜେନ୍ଦ୍ର ଖଣ୍ଡାୟୀ, ଦୟାନିଧି ମିଶ୍ର, ନାରାୟଣ ଦାସ, ସଞ୍ଜୁ ପୁର୍ତ୍ତି, ଅରୁଣ ରାଉତ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଶଗଡ଼ିଆ ଓ ଭୁଆଲପୋଖରୀ ରାସ୍ତା ଶିଳାନ୍ୟାସ କରାଯାଇଛି।

## ମୟୂରଭଞ୍ଜ

## ସଂକ୍ଷେପରେ

### ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ

**କୁଳିଅଣା, ୪।୩(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ପ୍ରତାପପୁରସ୍ଥିତ ପ୍ରତାପେଶ୍ୱର



କୁଳିଅଣାସ୍ଥିତ ଓଁ କାରେଶ୍ୱର, ବାଲିମୁଣ୍ଡଳିସ୍ଥିତ ମୁକ୍ତେଶ୍ୱର, ଟମକି ଅଶୋକସ୍ଥିତ ଝାଡେଶ୍ୱର, ବଡନୂଆଗାଁସ୍ଥିତ ଜଳେଶ୍ୱର ଗାଙ୍ଗରାଜସ୍ଥିତ ଖଣ୍ଡେଶ୍ୱର, ନୋଧନାସ୍ଥିତ ନୀଳକଣ୍ଠେଶ୍ୱର, ବଳରାମପୁରସ୍ଥିତ ଭୋଳେଶ୍ୱର, କେଉଟୁଣୀ ମାରାସ୍ଥିତ ଜଳେଶ୍ୱର ଚାନ୍ଦୁଆସ୍ଥିତ ଚନ୍ଦନେଶ୍ୱର, ତିଳଗଡିଆସ୍ଥିତ ତିଳେଶ୍ୱର, କୁଚେଇସ୍ଥିତ କୁଚଳେଶ୍ୱର, ପାଟିଆଶିମୁଳିସ୍ଥିତ କଣ୍ଟେଶ୍ୱରରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଜାଗରଯାତ୍ରାକୁ ଶୃଙ୍ଖଳାରେ ସମାପନ କରିବା ପାଇଁ ମନ୍ଦିର ପରିଚାଳନା କମିଟି ତଥା କୁଳିଅଣା, ଚାନ୍ଦୁଆ ପୋଲିସ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୋଲିସ ମୁତୟନ ହୋଇଛନ୍ତି। ମହାଶିବରାତ୍ରି ଉପଲକ୍ଷେ ବିଭିନ୍ନ ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଲାଗି ବ୍ୟବସ୍ଥା ହୋଇଛି।

### ରାଇରଙ୍ଗପୁର ଚଳଚଞ୍ଚଳ

**ରାଇରଙ୍ଗପୁର, ୪।୩(ଡି.ଏନ.ଏ.):** ରାଇରଙ୍ଗପୁର ସବ୍‌ଡିଭିଜନର ସ୍ଥାନୀୟ ସହରାଞ୍ଚଳଠାରୁ ଆରମ୍ଭ କରି ଆଖପାଖ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହେବା ସହ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। ସ୍ଥାନୀୟ ସହରାଞ୍ଚଳର କୁଚେଇବୁଢ଼ୀ ବସ୍ତି ଅଞ୍ଚଳର ବାବା ପୂର୍ଣ୍ଣେଶ୍ୱର, ଗଡ଼ବସ୍ତିର ବାବା ଐଶ୍ୱେନଶ୍ୱର, ବିକାଶନଗର ସ୍ଥିତ ବାବା ସିଦ୍ଧେଶ୍ୱର ଏବଂ ଜଗନ୍ନାଥ ମନ୍ଦିର ପରିସର ବାବା ଲିଳେଶ୍ୱର ସମେତ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହ ମହାଦେବଙ୍କୁ ଦର୍ଶନ କରିଥିଲେ। ଏହାସହିତ ଗୋରୁମହିଷାଣୀ, ବିଜାତଳା, ଯାମଦା, ହାଟବାଦଡ଼ା, ଗମ୍ଭାରିଆ, ବଡ଼ାମତଳିଆ ସମେତ ଆଖପାଖ ଅଞ୍ଚଳର ଶୈବପୀଠରେ ଭକ୍ତମାନେ ଉତ୍ସାହର ସହ ପାଳନ କରିଛନ୍ତି।

# ବୈଦ୍ୟନାଥଙ୍କଠାରେ ଜାଗର ମେଳା

**ବଡ଼ସାହି, ୪।୩(ସ୍ୱ.ପ୍ର)**



ମନ୍ଦିର ପରିସରରେ ଶ୍ରଦ୍ଧାଳୁ।

ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ମାଣଦ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥଙ୍କ ପ୍ରାଙ୍ଗଣରେ ମହାଶିବରାତ୍ରୀ ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଛି। ୬୦୦ବର୍ଷର ଐତିହ୍ୟ ବହନ କରିଆସୁଥିବା ଏହି ପୀଠରେ ବାବାଙ୍କ କୃପା ଲାଭ କରିବା ଆଶାରେ ସୋମବାର ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୀଠରେ ଭକ୍ତମାନେ କିପରି ଦିଅଁଦର୍ଶନ, ପୂଜା, ଦଣ୍ଡବତ ତଥା ଶାନ୍ତି ଶୃଙ୍ଖଳାର ସହିତ ଦୀପ ଜାଳିବେ ସେଥିପାଇଁ ପ୍ରଶାସନ ଓ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ପୀଠରେ ରାତ୍ରରେ ଚତୁର୍ଥ ପ୍ରହରରେ ମହାଦୀପ ଦେଉଳ ଉପରକୁ ଉଠୁଥିବାରୁ ଏଠାରେ ବ୍ରତୀଙ୍କ ଭିଡ଼ ଲାଗିଥାଏ। ଚଳିତ ବର୍ଷ ସହସ୍ରାଧିକ ବ୍ରତୀ ମନ୍ଦିର ବଗିଚାରେ ଦିନରାତି ଜାଗର ଦୀପ ଜାଳିଛନ୍ତି। ଗୋଟା ଜାଗର ବ୍ରତୀମାନେ ସକାଳୁ ପାରମ୍ପରିକ ରୀତିରେ ଦୀପ ଜାଳିଥିଲେ। ରବିବାର ଏକବାର ଉପବାସ ପରେ ସୋମବାର ପ୍ରତ୍ୟୁଷରୁ ମାନସିକଧାରୀ ଭକ୍ତ ଓ ଦଣ୍ଡବତୀଙ୍କ ଲମ୍ବାଧାଡି ଲାଗିଥିଲା। ବଡିଭୋରରୁ ବ୍ରତୀ ଓ ଭକ୍ତମାନେ ଲମ୍ବାଲାଇନରେ ଛିଡା ହୋଇ ମହାଦେବଙ୍କ ଦର୍ଶନ କରି ଶୁଭ ଆଶିଷ ମନାସିଛନ୍ତି। ରାତି ୧୨ଟାରୁ ୨ଟା ପର୍ଯ୍ୟନ୍ତ ସହସ୍ର କୁମ୍ଭାଭିଷେକ, ଶତଫଳ ଅର୍ପଣ, ୩ଟାରେ ଶୃଙ୍ଗାର ବେଶ, ୩ଟାରୁ ୪ଟା ମଧ୍ୟରେ ନଗର କୀର୍ତ୍ତନ ସାଙ୍ଗକୁ ଭୋର ୪ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ମଙ୍ଗଳବାର ଭୋର ୫ଟାରୁ ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ଚାଲୁ ରହିବ। ଅନୁକୂଳ ପାଗ ପାଇଁ ଦିନତମାମ୍ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ଚତୁଃପାର୍ଶ୍ୱରେ ଦୁଇ କି.ମି. ବ୍ୟାପୀ ଅଞ୍ଚଳରେ ବ୍ରତୀମାନେ ଅସ୍ଥାୟୀ ଶିବିରରେ ଦୀପ ଜାଳୁଛନ୍ତି। ୧୦ଦିନ ବ୍ୟାପି ମେଳା ଆରମ୍ଭ ହୋଇଥିବାରୁ ସହସ୍ରାଧିକ ଉଠାଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି। ଦୁଇଟି ଯାତ୍ରାନୁଷ୍ଠାନ ଯାତ୍ରା ପରିବେଷଣ କରୁଥିବା ବେଳେ ଦର୍ଶକଙ୍କ ଭିଡ଼ ଲାଗିରହିଛି। ଡିଏସ୍‌ପି ଯଦୁନାଥ ଜେନାଙ୍କ ନେତୃତ୍ୱରେ ବେତନଟୀ ଓ ବୈଶିଙ୍ଗା ଥାନାଧିକାରୀଙ୍କ ସମେତ ୧୦ଜଣ ପୋଲିସ ଅଫିସର ଓ ୨ପ୍ଲାଟୁନ ଫୋର୍ସ ଶାନ୍ତିଶୃଙ୍ଖଳା ପାଇଁ ମୁତୟନ ଅଛନ୍ତି। ମନ୍ଦିର ପରିସରରେ ସିସି କ୍ୟାମେରା ଲଗାଯିବା ସହ ମେଳାରେ ସାଦା ପୋଷାକରେ କେତେକ ପୋଲିସ କର୍ମଚାରୀ ମୁତୟନ ହୋଇଛନ୍ତି। ବଡ଼ସାହି ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଅମୀୟ କୁମାର ରାଉତ ପ୍ରମୁଖ ମନ୍ଦିର ପରିସରରେ ରହି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଓ ଲୋକ ସମ୍ପର୍କ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ, ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ରାଜନୈତିକ ଦଳର ଆଶାୟୀ ପ୍ରାର୍ଥୀମାନେ ବିଭିନ୍ନ ଶିବିରରେ ଭକ୍ତମାନଙ୍କୁ ପାଣି ଓ ସରବତ୍ ବଣ୍ଟନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଧର୍ମ ରକ୍ଷା ସେନା ପକ୍ଷରୁ ଅହରହ ଓଁ ନମଃ ଶିବାୟ ଜପ କରାଯାଉଛି। ସେହିପରି ବ୍ଲକର ବଦଳିଗାଁ, ଦେଉଳିଆ, ସିଂହଟିଆ, ବଡସାହି, ବେଲପାଳ, ଘୁଷୁରିଆ, ଖୁଣ୍ଟାପାଳ, କୁଳିଅଣା, ମାଧପୁର, ସାନକେରକୋ, ଉଠାଣୀନୂଆଗାଁ ଆଦି ଶୈବପୀଠରେ ଶିବରାତ୍ରୀ ପାଳିତ ହୋଇଛି।

### ରଘୁନାଥପୁରରେ ମହାଶିବରାତ୍ରି

**ବାରିପଦା ଅଫିସ, ୪।୩**

ବାରିପଦା ରଘୁନାଥପୁରସ୍ଥିତ ଶ୍ରୀ ହରିହର ମହାପ୍ରଭୁଙ୍କ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ରଘୁନାଥପୁର ତଥା ବାରିପଦାର ପ୍ରାୟ ସମସ୍ତ ୧୦ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳାରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ଶତାଧିକ ମହିଳା ବ୍ରତୀ ସନ୍ଧ୍ୟା ୫ଟାଠାରୁ ରାତି ସାରା ଅଖଣ୍ଡ ଦ୍ୱୀପ ଜାଳିଥିଲେ। ଭୋର ୪ଟାରେ ମହାଦୀପ ଉଠିଥିଲା। ତେବେ ବ୍ରତୀମାନଙ୍କ ପାଇଁ ରାତିରେ ପାଲା ପରିବେଷଣ ହୋଇଥିଲା। ମହାଦୀପ ଉଠିବା ପରେ ସମସ୍ତ ଭକ୍ତଙ୍କୁ ପ୍ରସାଦ ପରିବେଷଣ କରାଯାଇଥିଲା। ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟର ଏନଏସଏସ ଛାତ୍ରମାନେ ଶୃଙ୍ଖଳା ରକ୍ଷା କରିଥିଲେ।

# ଜାଗର ଲାଗି ବହଳଦା ଉତ୍ସବମୁଖର

**ବହଳଦା, ୪।୩ (ଡି.ଏନ.ଏ.)**

ମହାଶିବରାତ୍ରି ଉପଲକ୍ଷେ ବହଳଦା ଅଞ୍ଚଳର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକରେ ମନ୍ଦିର ଝଲସି ଉଠୁଛି। ବହଳଦା ବଜାରରେ ଥିବା ପ୍ରସିଦ୍ଧ ଶ୍ରୀବିଶ୍ୱନାଥ ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସେହିପରି ମାକିଚକେଶ୍ୱରୀ ମନ୍ଦିର ବେଢା ଭିତରେ ଥିବା ଶ୍ରୀ ଧବଳେଶ୍ୱର ମନ୍ଦିର, ହାଇସ୍କୁଲ ପାଖ ତ୍ରିନାଥ ମନ୍ଦିର, ଥାନା ଶିବମନ୍ଦିରରେ ଭକ୍ତଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି, ବିଞ୍ଝୁଆ, କୁଲଗି, କଣ, ତାରଣା, ଝରାଡିହି, ବଡକେଡମ, ପୋଖରିଆ,



ଶ୍ରୀ ବିଶ୍ୱନାଥ ମହାଦେବଙ୍କ ପାଖରେ ଜାଗର ଜାଳିବା ଲାଗି ମହିଳାଙ୍କ ସମାଗମ।

ସୁରୁଦା, ଯଶୀପୁର, ଅସନା, ଟାଙ୍ଗରଯୋଡା, ଗମ୍ଭାରିଆ, ତିଖିଆ ଓ ଅଁଳାଯୋଡି ଶିବ ମନ୍ଦିରରେ ନିଷ୍ଠାର ସହ ଶିବରାତ୍ରୀ ପାଳନ କରାଯାଇଛି। ତିରିଂ ଥାନା ବଡଡାଳିମାର ଶ୍ରୀ ଚନ୍ଦ୍ରଶେଖର ମହାଦେବ, ସୀମାନ୍ତ ତିରିଂ, ଜଂଘିଆ, ଜାମଦା ଥାନାର ବଡଦୁଦ୍ଧୁ, ମୋରଣ୍ଡା, ତାଳଗାଁର ଶିବ ମନ୍ଦିରରେ ପାରମ୍ପରିକ ଭାବେ ଶିବ ପୂଜା କରାଯାଇଛି। ମଙ୍ଗଳବାର ଶିବାଳୟରେ ମହାଦୀପ ଉଠିବା ପରେ ଏହା ଉଦ୍‌ଯାପିତ ହେବ।

### ବାବା ଝିଙ୍କେଶ୍ୱରଙ୍କ ପୀଠରେ ୨୦ହଜାର ଶ୍ରଦ୍ଧାଳୁ

**କପ୍ତିପଦା, ୪।୩(ଡି.ଏନ.ଏ)**

ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ କପ୍ତିପଦା ବ୍ଲକ ଝିଙ୍କପଦାସ୍ଥିତ ବାବା ଝିଙ୍କେଶ୍ୱରଙ୍କ ମନ୍ଦିରରେ ମହାଶିବରାତ୍ରୀ ଅବସରରେ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏହି ପୀଠରେ ରାତ୍ରରେ ଚତୁର୍ଥ ପ୍ରହରରେ ମହାଦୀପ ଦେଉଳ ଉପରକୁ ଉଠୁଥିବାରୁ ଏଠାରେ ବ୍ରତୀଙ୍କ ଭିଡ଼ ଲାଗିଥାଏ। ପାଗ ଅନୁକୂଳ ଥିବାରୁ ଚଳିତବର୍ଷ ହଜାର ହଜାର ବ୍ରତୀ ଜାଗର ଦୀପ ଜାଳିଛନ୍ତି। ଗୋଟା ଜାଗର ବ୍ରତୀମାନେ ସକାଳୁ ପାରମ୍ପରିକ ରୀତିରେ ଦୀପ ଜାଳିଥିଲେ। ରବିବାର ଏକବାର ଉପବାସ ପରେ ସୋମବାର ପ୍ରତ୍ୟୁଷରୁ ମାନସିକଧାରୀ (ଦଣ୍ଡବତି)ଙ୍କ ଧାଡି ଲଗାଇଥିଲେ। ରାତି ୨ଟାରେ ସହସ୍ର କୁମ୍ଭାଭିଷେକ ଓ ଶତଫଳ ଅର୍ପଣ, ୩ଟା ୩୦ରେ ଶୃଙ୍ଗାରବେଶ, ଭୋର ୪ଟା୩୦ମିନିଟ୍‌ରେ ନଗର କୀର୍ତ୍ତନ ବେଢା ପରିକ୍ରମା ସାଙ୍ଗକୁ ୫ଟା ୨୦ରେ ମହାଦୀପ ଉଠିବ। ଶାନ୍ତିଶୃଙ୍ଖଳା ପାଇଁ କପ୍ତିପଦା ପୋଲିସ ପକ୍ଷରୁ ୧ ପ୍ଲାଟୁନ ଫୋର୍ସ, ୬ଜଣ ଅଫିସର, ୧୦ଜଣ ମହିଳା ଓ ୧୦ଜଣ କନଷ୍ଟେବଳ ଓ ୧୫ ଜଣ ଗୃହରକ୍ଷୀ ନିୟୋଜିତ ହୋଇଥିବା ଥାନାଧିକାରିଣୀ ରୀନା ବେହେରା କହିଛନ୍ତି। ସନ୍ଧ୍ୟାରେ ମନ୍ଦିର ଚତୁଃପାର୍ଶ୍ୱରେ ବ୍ରତୀମାନେ ଅସ୍ଥାୟୀ ଶିବିରରେ ଦୀପ ଜାଳିଛନ୍ତି। ସେହିପରି ଆଜିଠାରୁ ୧୫ଦିନ ବ୍ୟାପି ମେଳା ଆରମ୍ଭ ହୋଇଥିବାରୁ ସହସ୍ରାଧିକ ଉଠାଦୋକାନୀ ସେମାନଙ୍କର ପସରା ମେଲାଇଛନ୍ତି।

### ମୁକ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



ମୁକ୍ତେଶ୍ୱର ମହାଦେବଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଆୟୋଜିତ ଯଜ୍ଞ।

**କପ୍ତିପଦା, ୪।୩(ଡି.ଏନ.ଏ.)**

କପ୍ତିପଦା ବ୍ଲକ ଅଧୀନ ବଡ଼ବିଶୋଳ ପଞ୍ଚାୟତର ସାନବିଶୋଳ ନଅଣ ପଡ଼ିଆଠାରେ ନିର୍ମିତ ହୋଇଥିବା ମୁକ୍ତେଶ୍ୱର ମହାଦେବଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଅଧିବାସ ଅଙ୍କୁରାରୋପଣ କର୍ମ ସମ୍ପାଦନ ହୋଇଥିଲା। ଏହାପରେ ୨୦୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ଶୋଭାଯାତ୍ରାରେ ସୋନ ନଦୀକୁ ଯାଇ ଘଟତ୍ତୋଳନ କରିଥିଲେ। ଏକ ଧାର୍ମିକ ବାତାବରଣ ମଧ୍ୟରେ ଘଟଗୁଡିକୁ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇ ଘଟପୂଜା, ମଣ୍ଡଳ, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଭଗବତ ଗୀତାପାଠ, ଶିବ ସହସ୍ର ନାମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଦେବୀଦେବାଙ୍କ ବିଗ୍ରହ ପ୍ରତିଷ୍ଠା ଓ ଯଜ୍ଞ କର୍ମ ଅନୁଷ୍ଠିତ ହୋଇଥିଲା। ମନ୍ଦିର ଶିଖରରେ ତ୍ରିଶୂଳ ଓ ଧ୍ୱଜା ସ୍ଥାପନ, ମନ୍ଦିରକୁ ବିଗ୍ରହମାନଙ୍କ ବିଜେ, ରୁଦ୍ରାଭିଷେକ କର୍ମ ସମ୍ପାଦନ ପରେ ଅପରାହ୍ଣରେ ଯଜ୍ଞର ପୂର୍ଣ୍ଣାହୁତି କର୍ମ ଅନୁଷ୍ଠିତ ହୋଇଥିଲା। କର୍ମକାଣ୍ଡବିତ୍ ଉମେଶ ଚନ୍ଦ୍ର ମିଶ୍ର ଓ ମନ୍ଦିରର ପୂଜକ ଆଦିତ୍ୟ ନାରାୟଣ କର ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଲୋକପାଳ ବେହେରା ଓ ତାଙ୍କର ସହଧର୍ମିଣୀ ସୁନୀତା ବେହେରା କର୍ତ୍ତାକର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୫/୨୦୧୯ Balasore, Tuesday, March 5/ 2019

# ଶିବଧ୍ୱନିରେ ପ୍ରକମ୍ପିତ ହେଲା ଆରଡ଼ି

**ଆରଡ଼ି, ୪।୩ (ଡି.ଏନ୍.ଏ.)**

ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠ ମହାଶିବରାତ୍ରି ଲାଗି ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ସୋମବାରରେ ଜାଗର ପଡ଼ିଥିବାରୁ ଭକ୍ତମୟ ହୋଇପଡ଼ିଥିଲା ଆରଡ଼ି ଧାମ। ଦିନତମାମ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ହରିବୋଲ, ହୁଳହୁଳି, ଘଣ୍ଟ, କରତାଳ ସାଙ୍ଗକୁ ଓଁ ନମଃ ଶିବାୟ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପୀଠ ପରିସର। ଭୋର ୪ ଟାରୁ ପହଡ଼ ଖୋଲିବା ପରେ ଭକ୍ତମାନଙ୍କର ଲମ୍ବାଧାଡ଼ି ଲାଗିଥିଲା। ରାତି ୩ ଟାରୁ ପ୍ରତୀକ୍ଷାରତ ଭକ୍ତମାନେ ଲମ୍ବା ଲାଇନରେ ଆସି ମଙ୍ଗଳ ଆଳତି ଦେଖିଥିଲେ। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସନ୍ଧ୍ୟାରେ ଉପବାସ ବ୍ରତଧାରୀ ଶ୍ରଦ୍ଧାଳୁମାନେ ଜାଗର ବତି ଜାଳିଥିଲେ। ରଙ୍ଗିନ ବିଜୁଳି ମାଳାରେ ସୁସଜ୍ଜିତ ମନ୍ଦିର ଓ ଜାଗର ଦୀପ ଆଲୋକରେ ପୀଠ ପରିସର ଝଲସି ଉଠିଥିଲା। ବିଧି ଅନୁସାରେ ଭୋର ୫ଟାରେ ମହାଦୀପ ଉଠିଥିଲା। ଏହାକୁ ଦର୍ଶନ କରି ହଜାର ହଜାର ଶ୍ରଦ୍ଧାଳୁ ଜାଗର ବ୍ରତ ଭଙ୍ଗ କରିଥିଲେ।

### ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ

ପୀଠଠାରୁ ୩ କି.ମି. ପୂର୍ବରୁ ୨ ଚକିଆ ଓ ୪ଚକିଆ ଯାନକୁ କୁଳେଇପଦା ଛକଠାରେ ଅଟକ ରଖାଯାଇ ନାନ୍ଦପୁର ଓ କୋଇଲଖା ଦେଇ ଆରଡ଼ି ପୀଠ ନିକଟକୁ ପଠାଯାଇଥିଲା। ପୋଲିସ ପକ୍ଷରୁ ପୀଠରେ ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ, ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିଥିଲେ। ପୀଠର ସବୁ ସ୍ଥାନରେ ବ୍ୟାପକ ପୋଲିସ ନିୟୋଜିତ କରାଯାଇଥିଲା।

**ସନ୍ଧ୍ୟା ସାଢ଼େ ୬ରୁ ନଦୀଘାଟ ବନ୍ଦ**

ପୀଠ ନିକଟରେ ଥିବା ତିନିତର, ମୁଆଁ, ଧାନଖଣିଆ ଘାଟରେ ଦିନସାରା ଭକ୍ତମାନେ ଡଙ୍ଗାରେ ନଦୀ ପାର ହୋଇ ଦିଅଁ ଦର୍ଶନ ଲାଗି ଆସିଥିଲେ। ଘାଟ ନିକଟରେ ଓଡ୍ରାଫ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟା ସାଢ଼େ ୬ ପରେ ଏହି ନଦୀ ଘାଟଗୁଡ଼ିକ ବନ୍ଦ ରହିଥିଲା।

**ଜାଗର ଦୀପ ପ୍ରସ୍ତୁତି**

ଆରଡ଼ି ସନ୍ନିକଟ ଦୋହରାପାଟଣାର କୁମ୍ଭକାର ସମ୍ପ୍ରଦାୟ ବାବାଙ୍କ ଜାଗର ପାଇଁ ପ୍ରସ୍ତୁତ କରିଥିଲେ ମହାଦୀପ। ମାଟିରେ ତିଆରି ଏହି ଦୀପରେ ପ୍ରାୟ ୩୦ କି.ଗ୍ରା. ଘିଅ ଦିଆଯାଇଥିଲା। ଦିନସାରା ପୀଠରେ ରଖାଯାଇଥିବା ହଣ୍ଡାରେ ଭକ୍ତଙ୍କ ପ୍ରଦତ୍ତ ଘିଅକୁ ଜିଲା ଓ ମନ୍ଦିର ପ୍ରଶାସନ କର୍ମଚାରୀ ସଂଗ୍ରହ କରି ମହାଦୀପରେ ଅଜାଡ଼ି ଦେଇଥିଲେ। ମହାଦୀପ ପାଇଁ ଘିଅ ଦେଲେ ବର୍ଷ ତମାମ ଘର ପୋଡ଼ିର ଆଶଙ୍କା ନ ଥାଏ ବୋଲି ବିଶ୍ୱାସ ରହିଛି।



ବାବା ଆଖଣ୍ଡଳମଣିଙ୍କ ପହିଲି ଘର୍ଷଣ।

**କନିକାରାଜାଙ୍କ ଦ୍ୱାରା ପହିଲି ଘର୍ଷଣ**

ପ୍ରତିଦିନ ବାବାଙ୍କ ପାଖରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘର୍ଷଣ ହୋଇଥାଏ। ଶିବରାତ୍ରିରେ ନିୟମାନୁସାରେ କନିକାରାଜାଙ୍କ ଦ୍ୱାରା ପହିଲି ଘର୍ଷଣ କରାଯାଇଥିଲା। କଞ୍ଚାକ୍ଷୀର,ଗୁଡ, ମହୁ, କଦଳୀ, ନଡ଼ିଆ, ଦହି, ଛେନା, ଲହୁଣୀ, ବିଭିନ୍ନ ଫଳମୂଳକୁ ନେଇ ଘର୍ଷଣ ପ୍ରସ୍ତୁତ କରାଯାଇଥିଲା। ଏହାପରେ ସମସ୍ତ ଭକ୍ତ ଅର୍ଦ୍ଧରାତ୍ରରେ ସୁନାବେଶ ହେବା ପର୍ଯ୍ୟନ୍ତ ଘର୍ଷଣ କରିଥିଲେ।

**ଦିଗମ୍ବର ବେଶରେ ଦର୍ଶନ ଦେଲେ ବାବା**

ମଙ୍ଗଳ ଆଳତି ପରେ ବାବାଙ୍କ ପୂର୍ବରାତିର ବଡ଼ସିଂହାର ବେଶ ଖୋଲି ଦିଆଯାଇଥିଲା। ଏହାପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ସୁନାବେଶ ହେବା ପର୍ଯ୍ୟନ୍ତ ରହିଥିଲା। ମହାଶିବରାତ୍ରିରେ ଏହି ବେଶ ଦର୍ଶନ କଲେ ବହୁ ଜନ୍ମର ପୁଣ୍ୟ ମିଳେ ବୋଲି ପୁରାଣ ଶାସ୍ତ୍ରରେ ଉଲ୍ଲେଖ ରହିଛି।

### ସରିଲାନି ଶିବଗଙ୍ଗା ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ

ଚଳିତବର୍ଷ ଶିବରାତ୍ରି ପ୍ରସ୍ତୁତି ବୈଠକରେ ଜିଲା ପ୍ରଶାସନର ତାଗିଦ୍ ସତ୍ତ୍ୱେ ସରିଲାନି ଶିବଗଙ୍ଗାର ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ। ଯାହାକୁ ନେଇ ଭକ୍ତ ଓ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜାଗରରେ ବି ପ୍ରଭୁ ପୂର୍ବବର୍ଷ ପରି ଚଳିତବର୍ଷ ପାଇପ୍ ପାଣିରେ ସ୍ନାନ କଲେ।

### ବିଦ୍ୟୁତ୍ ବିଭାଗ କର୍ମଚାରୀ ନାକେଦମ

ମହାଶିରାତ୍ରିରେ ପୀଠ ଯେପରି ଅନ୍ଧକାର ନ ରହେ ସେଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ସକାଳୁ ୨ଟି ଟ୍ରାନ୍ସଫର୍ମର ପୋଡ଼ିଯାଇଥିଲା। ସନ୍ଧ୍ୟା ସୁଦ୍ଧା ଏହାକୁ ବଦଳାଇ ଦିଆଯାଇଥିଲା। ତଥାପି ସନ୍ଧ୍ୟା ସମୟରେ କିଛି ସମୟ ବିଦ୍ୟୁତ୍ ସମସ୍ୟା ଦେଖାଯାଇଥିଲା। ଏଥିପାଇଁ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା।

### ଜିଲା ସୂଚନା ଅଧିକାରୀଙ୍କ ପକ୍ଷରୁ ଧାରା ବିବରଣୀ ବ୍ୟବସ୍ଥା

ଜିଲା ସୂଚନା ଅଧିକାରୀ ଓ ଅନ୍ୟ କର୍ମଚାରୀ ପୀଠରେ ଉପସ୍ଥିତ ଥିଲେ। ଆଇନଜୀବୀ ଅତିଶ କୁମାର ବେହେରା, ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ଧରିତ୍ରୀର ଆରଡ଼ି ପ୍ରତିନିଧି ଦୀପ୍ତିରଞ୍ଜନ ନାୟକ ଦିନସାରା ମହାଶିବରାତ୍ରିର ମହିମା ଓ ଭକ୍ତଙ୍କୁ ବିଭିନ୍ନ ସୂଚନା ଧାରା ବିବରଣୀ ମାଧ୍ୟମରେ ଶୁଣାଇଥିଲେ।

### ସ୍ୱେଚ୍ଛାସେବୀଙ୍କ ସେବାକାର୍ଯ୍ୟ

ଜିଲାର ପ୍ରମୁଖ ସ୍ୱେଚ୍ଛାସେବୀ ସଙ୍ଗଠନ ସତ୍ୟସାଇ ସେବା, ବ୍ରଜଗୋପିକା ସେବା, ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଶିବିର ଛାତ୍ରୀଛାତ୍ର, ମଠଡିହ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଛାତ୍ରୀଛାତ୍ର, ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ର ପୀଠ ସଫେଇ ସହ ନାନା ସେବାକାର୍ଯ୍ୟ ଜାରି ରଖିଥିଲେ।

### ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ଧର୍ମୀୟ ସଚେତନତା

ପ୍ରଜାପିତା ବ୍ରହ୍ମାକୁମାରୀ ଭଦ୍ରକ ସେବାକେନ୍ଦ୍ରର ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାରମାନେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉତ୍ସବ ପାଳନ କରିବା ସହ ଭକ୍ତମାନଙ୍କୁ ଧର୍ମୀୟ ମାର୍ଗ ଅନୁସରଣ କରିବାକୁ ସଚେତନ କରାଇଥିଲେ।

### ବିଭିନ୍ନ ଦଳର ନେତାଙ୍କ ଆଗମନ

ବିଭିନ୍ନ ରାଜନୈତିକ ଦଳର ନେତା ପୀଠକୁ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ଭାଜପା ନେତା ମନମୋହନ ସାମଲ, ବିଷ୍ଣୁ ସେଠି, ଅଶୋକ ପୁହାଣ, କିଶୋର ନାୟକ, ସୁରେଶ ସାହୁ, ଚତୁର୍ଭୁଜ ନାୟକ, ବିଜେଡି ନେତା ବ୍ୟୋମକେଶ ରାୟ, ପ୍ରଫୁଲ୍ଲ ସାମଲ, ବିଦ୍ୟୁତଲତା ନାୟକ, ଅଶୋକ ନାୟକ, ଦ୍ୱିଜବର ରାଉତ, କଂଗ୍ରେସ ନେତା, ଦିଗମ୍ବର ଦାସ, ମନୋଜ ବିଶ୍ୱାଳ,ସତ୍ୟାନନ୍ଦ ରାଉତ, ଅଭିଷେକ ରାଉତ ପ୍ରମୁଖ ପୀଠକୁ ଆସି ପୂଜାର୍ଚ୍ଚନା କରିଥିଲେ।

### ଜିଲା ପ୍ରଶାସନ ପକ୍ଷରୁ କୃତଜ୍ଞତା

ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପୀତାମ୍ବର ସାମଲ, ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ଶିବରାତ୍ରିରେ ପୀଠରେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଶେଷରେ ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିବାରୁ ଶ୍ରଦ୍ଧାଳୁମାନଙ୍କୁ ପ୍ରଶାସନିକ ଅଧିକାରୀମାନେ କୃତଜ୍ଞତା ଜ୍ଞାପନ କରିଥିଲେ।



ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଭକ୍ତଙ୍କ ଭିଡ଼।

## ସଂକ୍ଷେପରେ

### ଚା'ରେ ନିଶା ଦେଇ ଲୁଟିଲେ

**ଭଦ୍ରକ ଅଫିସ, ୪।୩ :** ଭଦ୍ରକ ଛପୁଲିଆ ନିକଟରେ ସୋମବାର ସନ୍ଧ୍ୟାରେ ଜଣେ ଟ୍ରକ ଚାଳକଙ୍କୁ ଚା'ରେ ନିଶା ଦେଇ ଟଙ୍କା ଲୁଟ୍ ହୋଇଛି। ଟ୍ରକ ଚାଳକ ଚା' ପିଇବା ପରେ ସଂଜ୍ଞାହୀନ ହୋଇଯାଇଥିଲେ। କେତେକ ଯୁବକ ଟ୍ରକରେ ଥିବା ଟଙ୍କାକୁ ଲୁଟି ନେଇଯାଇଥିଲେ। ତେବେ କେତେ ଟଙ୍କା ଲୁଟ୍ ହୋଇଛି ତାହା ଜଣାପଡ଼ି ନାହିଁ। ଖବର ପାଇ ଟାଉନ ଥାନା ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

### ଡୁକୁରା ଜନବସତିରେ ହରିଣ

**ଖୁଣ୍ଟା, ୪।୩ (ଡି.ଏନ୍.ଏ.):** ଡୁକୁରା ରେଞ୍ଜ ଡ଼ିଗଡ଼ିଗା ଫରେଷ୍ଟ ସେକ୍ସନ ଅଧୀନ ବାଇଗଣବା ଓ ଛାଉଳିଆଷୋଳ ଗ୍ରାମ ମଧ୍ୟବର୍ତ୍ତୀ ଚାଷଜମିରେ ସୋମବାର ଦୁଇଟି ହରିଣ ବୁଲୁଥିବା ଦେଖିବାକୁ ମିଳିଥିଲା। କେତେକ ଗ୍ରାମବାସୀ ଶିକାର ଉଦ୍ଦେଶ୍ୟରେ ମାରଣାସ୍ତ୍ର ଧରି ଗୋଡାଇଥିଲେ। ଖବରପାଇ ଡୁକୁରା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନା ପହଞ୍ଚି କର୍ମଚାରୀଙ୍କ ସହାୟତାରେ ହରିଣଦ୍ୱୟକୁ ଶିମିଳିପାଳ ଅଭୟାରଣ୍ୟ ଆଡ଼କୁ ଘଉଡ଼ାଇ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ଶିମିଳିପାଳ ପାଦଦେଶ ତାଡ଼କି ଗ୍ରାମ ନିକଟରେ ଥିବା ବୁଦାଳିଆ ସ୍ଥାନରେ ହରିଣ ଲୁଚି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସକାଳ ସୁଦ୍ଧା ଅଭୟାରଣ୍ୟ ମଧ୍ୟକୁ ଚାଲିଯିବେ ବୋଲି ବନବିଭାଗ ପକ୍ଷରୁ ଅନୁମାନ କରାଯାଉଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ସାହି, ୪।୩(ସ୍ୱ.ପ୍ର.):** ବଡ଼ସାହି ଥାନା ଅଧୀନ ହରିପୁର ଗ୍ରାମର ସନ୍ନ୍ୟାସୀ ନାୟକ(୪୫)ଙ୍କର ସୋମବର ଅପରାହ୍ନରେ ମୃତ୍ୟୁ ଘଟିଛି । ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ ସନ୍ନ୍ୟାସୀ ଦୀର୍ଘଦିନ ଧରି ଜ୍ୱରରେ ପୀଡିତ ଥାଇ ଔଷଧ ସେବନ କରୁଥିଲେ । ଘର ଲୋକେ ଶୌଚ ହୋଇ ଫେରିବା ପରେ ତାଙ୍କର ଶ୍ୱାସକ୍ରିୟା ଚାଲୁ ନ ଥିବା ଜାଣି ଅପରାହ୍ନ ୪ଟାରେ ବଡ଼ସାହି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଫିସର ଜଣାଇଛନ୍ତି ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଭଦ୍ରକ ଅଫିସ, ୪।୩ - ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ଗ୍ରାମରେ ଶିବମନ୍ଦିରରେ ଜାଗର ଉପଲକ୍ଷେ ଭିଡ଼ ଜମିଥିବା ବେଳେ ଏକ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତପନ ବେହେରା(୨୫)। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମାଞ୍ଚଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଚୋରା ମଦ ବେପାରୀ ଗିରଫ

**ବଡ଼ସାହି, ୪।୩(ସ୍ୱ.ପ୍ର):** ବଡ଼ସାହି ଥାନା ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ କାରବାର କରୁଥିବା ଔରଙ୍ଗାବାଦର ନିଖିଲ ସିଂ(୨୨) ନାମକ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ତାଙ୍କଠାରୁ ପୋଲିସ ୨୦ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ରାସ୍ତାକଡ଼ରେ ପଡ଼ିଛି ଔଷଧ

**ବାସୁଦେବପୁର, ୪।୩ (ଡି.ଏନ୍.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସାନକୃଷ୍ଣପୁର ପଞ୍ଚାୟତ ଗଦି ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା କଡ଼ରେ ସରକାରୀ ଔଷଧ ପଡ଼ିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେଉଁ ପରିସ୍ଥିତିରେ ବିପୁଳ ପରିମାଣର ସରକାରୀ ଔଷଧ ରାସ୍ତାକଡ଼ରେ ପଡ଼ିଲା ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଔଷଧ ଭର୍ତ୍ତି ଏକ ବ୍ୟାଗ୍ ରାସ୍ତାକଡ଼ରେ ରଖାଯାଇଥିବା ଲୋକେ ଦେଖିଥିଲେ। ଲୋକଙ୍କ ସନ୍ଦେହ ହେବାରୁ ଉକ୍ତ ବ୍ୟାଗ୍‌କୁ ଖୋଲିବା ପରେ ସେଥିରେ ସରକାରୀ ଔଷଧଗୁଡ଼ିକ ଥିବା ଜଣାପଡ଼ିଥିଲା।

## ମାର୍କୋଣା ଷ୍ଟେଶନରେ ଅଟକିବ ଧଉଳି ଏକ୍ସପ୍ରେସ

**ସିମୁଳିଆ, ୪।୩(ଡି.ଏନ୍.ଏ.)**

୨୦୧୪ରୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାର୍କୋଣା ରେଳ ଷ୍ଟେଶନରେ ଧଉଳି ଏକ୍ସପ୍ରେସ ରହଣି ଲାଗି ଦାବି ହୋଇଆସୁଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନୁମୋଦନକ୍ରମେ ରେଳ ମନ୍ତ୍ରଣାଳୟ ଏହାକୁ ମଞ୍ଜୁରି ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୂର୍ବାହ୍ନ ୧୦ଟାରେ ପୂର୍ବରୁ ଗଠିତ ହୋଇଥିବା ଖଇରା ସିମୁଳିଆ ବିକାଶ ମଞ୍ଚଳର ରାଜେନ୍ଦ୍ର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ପଣ୍ଡା, ମାୟାଧର ପାଣିଗ୍ରାହୀ, ଅକ୍ଷୟ ବିଶ୍ୱାଳ, କରୁଣାକର ପତି ପ୍ରମୁଖ ବାଣ ଫୁଟାଇ ଖୁସି ମନାଇଥିଲେ। ସେହିପରି ଅପରାହ୍ନ ୫ଟାରେ ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ତାଙ୍କ ବାସଭବନ ପରିସରରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଏଥିରେ ଆସନ୍ତା ୬ତାରିଖ ସକାଳ ୮ଟାରେ ଧଉଳି ଟ୍ରେନ ରହଣିକୁ ମାର୍କୋଣା ଷ୍ଟେଶନରେ ସ୍ୱାଗତ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିରେ ରମେଶ ଚନ୍ଦ୍ର ସାହୁ, ରାଧାରମଣ ପଟ୍ଟନାୟକ, କୈଳାସ ଶିଅଳ, ପ୍ରଦୀପ କୁମାର ମହାପାତ୍ର, ଗଣନାଥ ପଣ୍ଡା, ନରେନ୍ଦ୍ର ପ୍ରସାଦ ଶିଅଳ ପ୍ରମୁଖ ଯୋଗ ଦେଇଥିଲେ ।

## ପୋଲିସ ଚେକିଂ କହି ମହିଳାଙ୍କଠାରୁ ସୁନା ଅଳଙ୍କାର ଲୁଟ୍

**ଭଦ୍ରକ ଅଫିସ, ୪।୩**

ଭଦ୍ରକ କୁଆଁସ ରାସ୍ତାରେ ସୋମବାର ପୂର୍ବାହ୍ନରେ ୨ ଜଣ ମହିଳାଙ୍କଠାରୁ ସୁନା ଅଳଙ୍କାର ଅଭିନବ ଉପାୟରେ ଲୁଟ୍ ହୋଇଛି। ଦୁଇ ମହିଳା ମର୍ଣ୍ଣିଂୱାକ କରି ଘରକୁ ଯାଉଥିଲେ। ବାଇକ୍‌ରେ ୨ ଯୁବକ ଆସି ଆଗରେ ପୋଲିସ ଚେକିଂ ହେଉଥିବା ଓ ସୁନା ଅଳଙ୍କାର ଯାଞ୍ଚ ହେଉଥିବା କହି ଦୁଇ ମହିଳାଙ୍କଠାରୁ ସେମାନେ ପିନ୍ଧିଥିବା ସୁନାଗହଣା ଲୁଟି ନେଇଯାଇଥିଲେ। କିଛି ସମୟ ପରେ ମହିଳାଦ୍ୱୟ ଲୁଟ୍‌ର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଛି। ସୂଚନାଥାଉ କି, କିଛିଦିନ ପୂର୍ବେ ମହତାବ ରୋଡ୍‌ରେ ଜଣେ ଅବସରପ୍ରାପ୍ତ ଅଧକ୍ଷଙ୍କଠାରୁ ପୋଲିସ ପରିଚୟ ଦେଇ ଏହିଭଳି ଲୁଟ୍ ହୋଇଥିଲା।

## ଟ୍ରାକ୍ଟର ଦୁର୍ଘଟଣାରେ ଶ୍ରମିକଙ୍କ ଜୀବନଗଲା

**ସଜନାଗଡ଼, ୪।୩(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସଜନାଗଡ଼ ପଞ୍ଚାୟତ ପାଣବନ୍ଧ ଗ୍ରାମର ହପନା ହାଁସଦା (୫୫) ନାମକ ଜଣେ ଶ୍ରମିକ ସୋମବାର ଟ୍ରାକ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଏକ ଅଟୋରେ ନୀଳଗିରି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟ୍ରାକ୍ଟର ଦୁର୍ଘଟଣା ଘଟାଇ ଫେରାର ହୋଇଯାଇଥିବାର ଜଣାପଡ଼ିଛି। ମୃତକଙ୍କର ୨ପୁଅ, ୩ ଝିଅ ଅଛନ୍ତି। ସେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଗୁଣି ଗାରେଡି ସନ୍ଦେହରେ ଆକ୍ରମଣ: ୫ ଅଭିଯୁକ୍ତ ଗିରଫ

**ଯୋଡା,୪।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଗୁରଡ଼ା ଗ୍ରାମର ଟୁଙ୍ଗୁରୁ ହଣ୍ଡିରେ ବୃଦ୍ଧାଙ୍କୁ ଗୁଣି ଗାରେଡି ସନ୍ଦେହରେ ମରଣାତ୍ମକ ଆକ୍ରମଣ ଅଭିଯୋଗରେ ପୋଲିସ ସୋମବାର ଉକ୍ତ ଗ୍ରାମର ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଦିଲ୍ଲୀପ ନାଏକ , ଶାନ୍ତି ନାଏକ , ପଣ୍ଡା ସୋଏ, ସମୀର ଟପ୍ପ ଏବଂ ବାନ୍ଧୁନୁ ଟପ୍ପ । ଗତ ୧୯ ତାରିଖରେ ଗୁରୁଡ଼ା ଗ୍ରାମର ଅସୁସ୍ଥ ବୃଦ୍ଧାକୁ ଉକ୍ତ ଗ୍ରାମର ଶ୍ରୀରାମ ଚାତମ୍ବା ଗୁଣି ଗାରେଡି କରିଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ବାମେବାରୀ ଥାନାରେ ଗତ ୨୨ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା । ଶ୍ରୀରାମ ଗୁରୁତ୍ୱର ହୋଇ ଯୋଡା ଟାଟାଷ୍ଟିଲ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି ।

## ବନ୍ଧୁକ ମୁନରେ ପେଟ୍ରୋଲ ପମ୍ପରୁ ଲୁଟ୍

**ବଡବିଲ, ୪। ୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ପୁଣି ବନ୍ଧୁକ ମୁନରେ ଲୁଟ। ଫେବୃୟାରୀ ୧୫ରେ ବଡ଼ବିଲ ସହର ଆଲ୍ଲାହାବାଦ ବ୍ୟାଙ୍କରେ ସୁରକ୍ଷାକର୍ମୀ ଏବଂ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ଲୁଟ୍ ଘଟଣାର ପର୍ଦ୍ଦାଫାଶ ଏଯାଏ ହୋଇପାର ନ ଥିବାବେଳେ ପୁଣି ରବିବାର ଓ ସୋମବାର ମଧ ରାତିରେ ସେରେଣ୍ଡାସ୍ଥିତ ରିଲାଏନ୍ସ ପେଟ୍ରୋଲ ପମ୍ପରୁ ବନ୍ଧୁକ ମୁନରେ ଲୁଟ ହୋଇଛି। ଲୁଟେରାମାନେ ନଗଦ ୩୮ ହଜାର ଟଙ୍କା ଓ ୨ଟି ମୋବାଇଲ ଲୁଟିନେଇଛନ୍ତି। ଏହି ଘଟଣା ପୋଲିସର ନିଦ ହଜାଇ ଦେଇଛି।

ସିସି କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ, ରାତ୍ରି ପ୍ରାୟ ୧୨ଟା ୨୫ ମିନିଟରେ ୪ ଜଣ ଦୁର୍ବୃତ୍ତ ବନ୍ଧୁକ ଧରି ପେଟ୍ରୋଲ ପମ୍ପ ଅଫିସରେ ପଶିଥିଲେ। ସେଠାରେ ନିୟୋଜିତ ସୁରକ୍ଷାକର୍ମୀ ସୁବାସ ଚନ୍ଦ୍ର ସାହୁ ଅଫିସ ଭିତରେ ଏକ ଚୌକିରେ ବସି ଢୁଳାଉଥିଲାବେଳେ ଦୁର୍ବୃତ୍ତମାନେ ତାଙ୍କଠାରୁ ବନ୍ଧୁକ ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ଫଳରେ ଧସ୍ତାଧସ୍ତି ହୋଇଥିଲା। ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ଗୁଳି ଫୁଟି କାନ୍ଥରେ ବାଜିଥିଲା। ଫଳରେ ଦୁର୍ବୃତ୍ତମାନେ ସୁବାସଙ୍କୁ ମାଡ଼ ମାରିବାସହ ସେଲସମ୍ୟାନ ଲକ୍ଷ୍ମୀଧର ମହାନ୍ତି ଓ ସଞ୍ଜୟ ସାହୁଙ୍କଠାରୁ ନଗଦ ୩୮ ହଜାର ଟଙ୍କା ସହ ଏକ ମୋବାଇଲ ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ୩ ଜଣ ଦୁର୍ବୃତ୍ତ ଅଫିସରେ ପଶିଥିଲାବେଳେ ଜଣେ ବାହାରେ ଅପେକ୍ଷା କରି ରହିଥିଲେ। ତେବେ ଅଫିସରେ ପଶିଥିବା ଦୁଇଜଣ ଦୁର୍ବୃତ୍ତ ମୁହଁ କପଡ଼ାରେ ଘୋଡାଇଥିଲାବେଳେ ଜଣଙ୍କର ଖୋଲାଥିଲା। ଦୁର୍ବୃତ୍ତମାନେ ଲୁଟ ପରେ ଅଫିସ ଆଇଟି କଣ୍ଟ୍ରୋଲ ରୁମରେ ସୁରକ୍ଷାକର୍ମୀ ଏବଂ ସେଲସମ୍ୟାନଙ୍କୁ ବାହାରୁ ବନ୍ଦ କରି ଚମ୍ପଟ ମାରିଥିଲେ। ପମ୍ପ କର୍ମଚାରୀ ଗୋପାଳ ମହାକୁଡ଼ ଘଟଣା ସମ୍ପର୍କରେ ଜାଣି ବନ୍ଦ ଦୁଇ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ସୋମବାର ପୂର୍ବାହ୍ନରେ ବଡବିଲ ଥାନାରେ ଅଭିଯୋଗ ହୋଇଥିଲା। ଅପରାହ୍ନରେ ବଡବିଲ ନୂତନ ଏସଡିପିଓ ଦିଲ୍ଲୀପ ବାଗ, ବଡ଼ବିଲ ଥାନା ନୂତନ ଆଇଆଇସି ସୁଶାନ୍ତ ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପେଟ୍ରୋଲ ପମ୍ପରେ ଲାଗିଥିବା ସିସି କ୍ୟାମେରାର ଫୁଟେଜକୁ ପୋଲିସ ତନ୍ନତନ୍ନ କରି ଅନୁଧ୍ୟାନ କରିବା ସହ ଦୁଇ କର୍ମଚାରୀଙ୍କୁ ନେଇ ପଚରାଉଚରା ଜାରି ରଖିଛି।



ପେଟ୍ରୋଲ ପମ୍ପରେ ଲୁଟ ପରେ ପୋଲିସର ତଦନ୍ତ।

- ସିସି କ୍ୟାମେରାରେ ଚିତ୍ର କଏଦ୍
- ଧସ୍ତାଧସ୍ତିରେ ସୁରକ୍ଷାକର୍ମୀଙ୍କ ବନ୍ଧୁକରୁ ଫୁଟିଲା ଗୁଳି
- ପୋଲିସର ନିଦ ହଜିଛି, ଖୋଳତାଡ଼ ଆରମ୍ଭ

## ଇଟାଭାଟି ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ**

**ଧାମନଗର, ୪।୩ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦଶନ୍ଦିକୂଳରେ ଏକ ଇଟାଭାଟି ପଲ୍ଲୀଘରୁ ଜଣେ ଶ୍ରମିକଙ୍କ ମୃତଦେହ ସୋମବାର ସକାଳେ ଉଦ୍ଧାର କରାଯାଇଛି। ସେ ହେଲେ ନଦୀଗାଁ ପଞ୍ଚାୟତ ପାଟଣାସାହିର ବିଶ୍ୱମ୍ବର ଗୋଛାୟତ। ତାଙ୍କ ମୃତ୍ୟୁ ସନ୍ଦେହଘେରରେ ରହିଥିବା ବେଳେ ବିଶ୍ୱମ୍ବରଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ସବୁଦିନ ପରି ବିଶ୍ୱମ୍ବର ରବିବାର ରାତିରେ ଖାଇସାରି ଶୋଇଥିଲେ। ସୋମବାର ସକାଳେ ଇଟାଭାଟି ପଲ୍ଲୀଘରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ଧାମନଗର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୧୯) ରୁଜୁ କରାଯାଇଛି। ତେବେ ଏହା ଏକ ଅପମୃତ୍ୟ କିମ୍ବା ହତ୍ୟା ସେ ନେଇ ପୋଲିସ ଖୋଳତାଡ଼ ଚଳାଇଛି।

## ଲେହେଙ୍ଗାରେ ନିଆଁ ଲାଗି ମହିଳା ଗୁରୁତର

**ଶିବରାତ୍ରିରେ ଅଘଟଣ**

**ବାରିପଦା ଅଫିସ, ୪।୩**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଦେବଶୋଳଠାରେ ଥିବା ବୁଦ୍ଧେଶ୍ୱର ମନ୍ଦିରକୁ ଅଞ୍ଜଳି ବାନାର୍ଜି ନାମକ ମହିଳା ପୂଜା କରିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି। ମନ୍ଦିରରେ ଜଳୁଥିବା ଅଖଣ୍ଡ ଦୀପରୁ ନିଆଁ ତାଙ୍କ ଲେହେଙ୍ଗାରେ ଲାଗିଯିବାରୁ ତାଙ୍କ ଶରୀରର ୪୦ ଭାଗ ପୋଡିଯାଇଛି। ଫଳରେ ସେ ଗୁରୁତର ହୋଇପଡ଼ିଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଓ ପୋଲିସ ଉଦ୍ଧାର କରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅଞ୍ଜଳିଙ୍କ ଘର ରାସଗୋବିନ୍ଦପୁର ଗ୍ରାମରେ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସାଇକେଲରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ପାଟଣା,୪।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆସ୍ଥିତ ଭୀମକୁଣ୍ଡ ମହାବିଦ୍ୟାଳୟ ଠାକୁରାଣୀ ଶାଳ ନିକଟ ଏକ ବିଲ ମଝିରୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ପଲାଣିଘାଟି ବଡ଼ସାହି ଗ୍ରାମର ଜଗନ୍ନାଥ ନାୟକଙ୍କ ପୁଅ ମନମୋହନ ନାୟକ। ଏନେଇ ଘଟଗାଁ ଥାନାରେ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମନମୋହନ ମାନସିକ ବିକୃତଥିବା କାରଣରୁ ସାଇକେଲରୁ ପଡ଼ି ମୃତ୍ୟୁବରଣ କରିଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଅନୁମାନ କରୁଛି।

### ଶିଶୁ ପ୍ରତିଭା ମହୋତ୍ସବ

**ତେଲକୋଇ,୪।୩ (ଡି.ଏନ.ଏ.)-** ତେଲକୋଇ ବ୍ଲକ ଅନ୍ତର୍ଗତ ଖଣ୍ଟାପଡ଼ା ବ୍ରହ୍ମେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱାସ୍ଥ୍ୟସେବୀ ଅନୁଷ୍ଠାନ ୟୁଏସି ଆନୁକୂଲ୍ୟରେ ଆଞ୍ଚଳିକ ଶିଶୁ ପ୍ରତିଭା ମହୋତ୍ସବ ଅନୁଷ୍ଠିତ ହୋଇଛି । ବ୍ଲକ ଅଧ୍ୟକ୍ଷ ମମତା ଦେହୁରୀ, ବ୍ଲକ ଶିକ୍ଷାଧିକାରୀ ଗୋଲାପ ପ୍ରଧାନ ,ଶିକ୍ଷକ ବାସୁଦେବ ମହାନ୍ତି , ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ଗୁଣାତ୍ମକ ଶିକ୍ଷାର ବିକାଶ ଆବଶ୍ୟକତା ଉପରେ ଅତିଥିମାନେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ୬୬ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫିସହ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ୟୁଏସି ସମ୍ପାଦକ ନିମାଇଁ ନାରାୟଣ ଶତପଥୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

### 'ଶିକ୍ଷା ହିଁ ଅନ୍ଧବିଶ୍ୱାସ ଦୂର କରିପାରିବ'

**ଚମ୍ପୁଆ,୪।୩ (ଡି.ଏନ.ଏ)-**ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୱତ୍ ପରିଷଦ ପକ୍ଷରୁ 'ଅନ୍ଧ ବିଶ୍ୱାସ ଦୂରୀକରଣରେ ଶିକ୍ଷାର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶିକ୍ଷା ହିଁ ଅନ୍ଧ ବିଶ୍ୱାସ ଦୂର କରିପାରିବ ବୋଲି ଅତିଥିମତବ୍ୟକ୍ତ କରିଛନ୍ତି। ସଭାପତି ରମାକାନ୍ତ ପ୍ରଧାନ, ସମ୍ପାଦକ ଗୌରଚନ୍ଦ୍ର ପ୍ରଧାନ, ଏସ୍. ଗିରି, ସଂକୁଳ ବିଦ୍ୱତ ପରିଷଦର ସଂଯୋଜକ ଭାସ୍କର ଚନ୍ଦ୍ର ମହାକୁଡ଼, ଅଜୟ ପ୍ରଧାନ, ଗଙ୍ଗାଧର କର, ସଭାପତି ଏକାଦଶିଆ ମହାନ୍ତି, ପ୍ରଧାନାଚାର୍ଯ୍ୟ ଧରଣୀଧର ଦାସ, ଅଧାପକ ଗିରିଜାଶଙ୍କର କର ପ୍ରମୁଖ ଉପସ୍ଥିତ ଥିଲେ।


ଆନନ୍ଦପୁର: ମହାଦେବଙ୍କ ଦର୍ଶନ ପାଇଁ ଧାଡ଼ି ବାନ୍ଧିଛନ୍ତି ଶ୍ରଦ୍ଧାଳୁ।


ଢେଙ୍କିକୋଟ: ମହିଳାମାନେ ଶିବଲିଙ୍ଗ ପୂଜା କରି ଆଶିଷ ଭିକ୍ଷା କରୁଛନ୍ତି।


ପାଟଣା : ଶ୍ରଦ୍ଧାଳୁମାନେ ମହାଦେବଙ୍କୁ ପୂଜା କରିବା ପାଇଁ ମୁଖ୍ୟଦ୍ୱାରରେ ପ୍ରବେଶ କରୁଛନ୍ତି ।


ଝୁମ୍ପୁରା: ନୟାଗଡ଼ ପୁରାତନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।


କେନ୍ଦୁଝର: ବଡ଼ପଲସାରେ ଶିବରାତ୍ରି ଅବସରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।


ଯୋଡ଼ାରେ ମହାଶିବରାତ୍ରି ପାଳନ ।

# ଆଶିଷ ଭିକ୍ଷା କଲେ ଶ୍ରଦ୍ଧାଳୁ

**ମହାଶିବରାତ୍ରି**

**କେନ୍ଦୁଝର/ ଆନନ୍ଦପୁର/ ଝୁମ୍ପୁରା/ ଚମ୍ପୁଆ/ଯୋଡ଼ା/ ଢେଙ୍କିକୋଟ/ ରାଇସୁଆଁ/ ପାଟଣା, ୪।୩ (ସ୍ୱ.ପ୍ର./ ଡି.ଏନ୍.ଏ.)**

ହରହର ମହାଦେବରେ ଗୁଞ୍ଜୁରି ଉଠିଥିଲା ଶୈବପୀଠ। ଦିନସାରା ଉପବାସରେ ରହି ରାତିରେ ବାବାଙ୍କଠାରେ ମାନସିକ ରଖିଥିଲେ ଶ୍ରଦ୍ଧାଳୁ। କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ ଅନେକ ରୂପରେ ପୂଜା ପାଉଥିବା ମହାଦେବଙ୍କ ମହାଶିବରାତ୍ରି ମହାସମାରୋହରେ ସୋମବାର ପାଳିତ ହୋଇଛି। ନିର୍ଦ୍ଧାରିତ ସମୟରେ ମହାଧୂପ ଉଠିଥିଲା। ଏଥିପାଇଁ ବିଭିନ୍ନ ଶୈବ ପୀଠରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା। କେନ୍ଦୁଝରରେ ବାଲୁଙ୍କେଶ୍ୱର ମହାଦେବ, ଜଗନ୍ନାଥପୁରସ୍ଥିତ ବଟକେଶ୍ୱରଙ୍କ ପୀଠ ସହିତ ଅନ୍ୟାନ୍ୟ ମନ୍ଦିରରେ ଶିବରାତ୍ରି ପାଳିତ ହୋଇଛି। ସେହିପରି ଆନନ୍ଦପୁରର ଉତ୍ତରେଶ୍ୱର, ବଟେଶ୍ୱର, ଘସିପୁରାର ଝାଡ଼େଶ୍ୱର, ଫକୀରପୁର ବାଲୁଙ୍କେଶ୍ୱର, ଦେଓଗାଁ କୁଶଳେଶ୍ୱର ଶିବରାତ୍ରି ମହାସମାରୋହରେ ପାଳିତ ହୋଇଛି।

ଏହାସହିତ ଝୁମ୍ପୁରା ବ୍ଲକର ଝୁମ୍ପୁରାସ୍ଥିତ ବାବା ପଞ୍ଚାନନ ମହାଦେବ, ଓଁକାରେଶ୍ୱର ଶୈବପୀଠରେ ପୂଜାର୍ଚ୍ଚନା ହୋଇଥିଲା। ବୋଲବମ୍ ଶ୍ରଦ୍ଧାଳୁମାନେ ବୈତରଣୀ ନଦୀ ଏବଂ ଅରଡ଼େଇ ନଦୀରୁ ପାଣି ଉଠାଇ ଝୁମ୍ପୁରା, ମଲଦା, ନୟାଗଡ଼, ବାରଖଣ୍ଡିଆ, ରସବନ୍ତଳା,ଦଉଳବିଲ, ବସ୍ତପୁର ଶୈବପୀଠଗୁଡ଼ିକରେ ଜଳଲାଗି କରିଛନ୍ତି। ସେହିପରି ଚମ୍ପୁଆ ଚନ୍ଦ୍ରଶେଖର ମହାଦେବ, କାଳାମନ୍ଦିର, ମହେଶ୍ୱରପୁର, ପାଞ୍ଚପୋଖରୀଆ, ରାମତୀର୍ଥ, ହୁପଶି, ମିରିଗିସିଙ୍ଗା, କାଳିକାପ୍ରସାଦ, ରିମୁଳି, ପର୍ଶଳା, ବଡ଼ନଇରେ ମହାଦେବଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ଯୋଡ଼ା ୱେଷ୍ଟ, ଇଷ୍ଟ, ବନେଇକଳା, କେନ୍ଦ୍ରୀୟ ଚିକିତ୍ସାଳୟ, ଯୋଡ଼ା ଆଜାଦବସ୍ତି ଶିବ ମନ୍ଦିରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବା ସହିତ ଦୀପ ପ୍ରଜ୍ୱଳନ କରିଥିଲେ।

ସେହିପରି ଢେଙ୍କିକୋଟର ବାବା ବିଶ୍ୱନାଥଶ୍ୱରାୟ, ଲଙ୍ଗଳକଣ୍ଟି ପାହାଡ଼ସ୍ଥ ବାବା ବେଲେଶ୍ୱର, ବାବାଟିକେଶ୍ୱର, କେତେଶ୍ୱର, ବାବା ଭୋଳେଶ୍ୱର, ବଟେଶ୍ୱର ଶିବ,ନୀଳକଣ୍ଠେଶ୍ୱର,ବାଣେଶ୍ୱର ଶିବ ମନ୍ଦିରରେ ମହାଶିବରାତ୍ରି ପାଳିତ ହୋଇଛି। ସେହିପରି ରାଇସୁଆଁ, ଗୋପୀନାଥପୁର, ପଦ୍ମପୁର,ମହାଦେଇଯୋଡ଼ା, ବାଉରୀପଦା, କାଦଗଡ଼, ଧୂପଦା ଅଞ୍ଚଳ ଶୈବପୀଠ ଗୁଡିକରେ ଧୂମଧାମରେ ଶିବରାତ୍ରି ପାଳିତ ହୋଇଛି। ସେହିପରି ପାଟଣା ଅଞ୍ଚଳର ପ୍ରସିଦ୍ଧ ଆନନ୍ଦେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଶିବରାତ୍ରି ପାଇଁ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାଦେବଙ୍କୁ ଦର୍ଶନ କରିଛନ୍ତି।



ରାଇସୁଆଁ: ସଦର ଅଞ୍ଚଳରେ ମହାଶିବରାତ୍ରି ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

■ ଧାନକିଣା ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି

## ଆନ୍ଦୋଳନରୁ ଓହରିଲା କୃଷକ ସଂଗଠନ

**ତେଲକୋଇ, ୪।୩(ଡି.ଏନ.ଏ.)**

ଧାନ କିଣିବାକୁ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ଡାକରା ଦେଇଥିବା ନବନିର୍ମାଣ କୃଷକ ସଂଗଠନ ଏଥିରୁ ଓହରି ଯାଇଛି। ମଣ୍ଡିରୁ ଚାଷୀଙ୍କ ଧାନ ନ ଉଠିବାରୁ ଆସନ୍ତା ୬ରୁ ଜିଲା ପ୍ରଶାସନକୁ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। ବ୍ଲକ୍ ଅଧୀନ ତେଲକୋଇ, ଦେଉଳଡ଼ିହା, ସିରିଗିଡ଼ା, ବେଣାମୁଣ୍ଡା ଓ ଛାମୁଣ୍ଡା ସମବାୟ ସମିତିରୁ ଧାନ କ୍ରୟ କରାଯାଏ । ତେବେ ଧାନ କ୍ରୟ ବନ୍ଦ ଯୋଗୁଁ ଚାଷୀଙ୍କ ଧାନ ସବୁ ମଣ୍ଡିରେ ପଡ଼ିରହିଥିଲା। ନିର୍ଦ୍ଦେଶ ହେବା ପରେ ପୁଣିଥରେ ଚାଷୀଙ୍କଠାରୁ ଧାନକ୍ରୟ ପାଇଁ ନିଷ୍ପତ୍ତି ନିଆଯାଇ ବୋଲି ତେଲକୋଇ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ କେଶବ ସାହୁ କହିଛନ୍ତି।

### ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ହାଟଡ଼ିହୀ,୪।୩(ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକ୍ ସମଣା ପଞ୍ଚାୟତ କୁଆଡ଼ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାରାୟଣ ପାଢ଼ୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଆୟୋଜିତ ସଭାରେ ବୃନ୍ଦାବନ ନନ୍ଦ ,ଗୌରକୃଷ୍ଣ ନାୟକ, ଭୀମସେନ ନାୟକ, ସୁକାନ୍ତୀ ବାରିକ ଅତିଥିଭାବେ ଯୋଗ ଦେଇଥିଲେ। ମତ୍ୟୁଞ୍ଜୟ ନନ୍ଦଙ୍କ ସଂଯୋଜନାରେ ଚିନ୍ତାମଣୀ ବାରିକ, ହୃଷିକେଶ ଶଙ୍ଖୁଆ, କୋଦଣ୍ଡ ବାରିକ, ରାଜକିଶୋର ଜେନା, ଯଶୋଦା ଜେନା, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ପୁରସ୍କୃତ ହେଲେ କୃତୀ କ୍ରୀଡ଼ା ପ୍ରତିଯୋଗୀ

**କେନ୍ଦୁଝର, ୪।୩ (ସ୍ୱ.ପ୍ର.)**

ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟିସ୍ଥିତ ପାଟେଶ୍ୱର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲା କ୍ରୀଡ଼ା ସଂସ୍ଥାର ସଂପାଦକ ଜନାର୍ଦ୍ଦନ ଦାସ ଏବଂ ପ୍ରାକ୍ତନ ଅଧ୍ୟକ୍ଷ ଡ. ବିପିନ ବିହାରୀ ମହାପାତ୍ର ଯୋଗଦେଇ ସୁସ୍ଥ ସମାଜ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଅଧ୍ୟାପକ ପ୍ରଶାନ୍ତ ନାଥ, ଶୁଭେନ୍ଦୁ ସାହୁ, ଆନନ୍ଦ ଚନ୍ଦ୍ର ନନ୍ଦ, ଅଧ୍ୟାପିକା ଗୀତାରାଣୀ ମହାନ୍ତି, ଶୁଭଦର୍ଶିନୀ ମହାପାତ୍ର, ସୁଜାତା ଗିରି, ଗୀତାଞ୍ଜଳି ଗିରି ପ୍ରମୁଖ ଯୋଗଦେଇଥିଲେ । ମୋହନ ସାହୁ, କ୍ରୀଡ଼ା ଶିକ୍ଷକ, ଧୃତରାଷ୍ଟ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### ଜାତୀୟ ସୁରକ୍ଷା ସପ୍ତାହ

**କେନ୍ଦୁଝର, ୪।୩(ସ୍ୱ.ପ୍ର.)**

ସଦର ବ୍ଲକ ଏମଏସପି ସ୍ପଞ୍ଜକାରଖାନା ପରିସରରେ ୪୮ ତମ ଜାତୀୟ ସୁରକ୍ଷା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି । କମ୍ପାନୀ ଉପସଭାପତି ଦେବବ୍ରତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ଶ୍ରମିକମାନେ ଦୁର୍ଘଟଣା ରୋକିବା ପାଇଁ ଶପଥ ନେଇଛନ୍ତି।

■ ଅବଧିକୁ ଟପିଲାଣି ୮ ମାସ

## ସୂଚନା ଫଳକରେ ରାସ୍ତା, ପୋଲ ନିର୍ମାଣ

**ଝୁମ୍ପୁରା, ୪।୩ (ଡି.ଏନ.ଏ.)**

ଝୁମ୍ପୁରା ବ୍ଲକର ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ମଲଦା ଗ୍ରାମ ପଞ୍ଚାୟତର ପଟୁଆକୁଦର ଗ୍ରାମ ନିକଟସ୍ଥ ବେତରଣୀ ନଦୀ ଉପରେ ବିଜୁସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇ ଟେଣ୍ଡର ସରିଛି। ଠିକାଦାର ଚୟନ ହୋଇଛି କାମ ଦିଆଯାଇଛି। ସୂଚନା ଫଳକ ଅନୁସାରେ ୫।୪।୨୦୧୬ରେ କାର୍ଯ୍ୟାରମ୍ଭ ହୋଇଥିବା ବେଳେ ୪।୪।୨୦୧୮ ଶେଷ ହେବାକୁ ଅଛି।




ବ୍ୟୟ ଅଟକଳ ୯ କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। ପୋଲ ନିର୍ମାଣର ଅବଧିର ୮ମାସ ବିତିଗଲାଣି । ହେଲେ ଏଯାଏଁ ପୋଲର ମୂଳ ପିଲାର କାମ ସରିନାହିଁ। ଏହା ସହିତ ପୋଲର ୨ପାର୍ଶ୍ୱ ଆପ୍ରୋଚ ରାସ୍ତା ମଧ୍ୟ ଅଧାନ୍ତରିଆ ହୋଇ ପଡ଼ିରହିଛି। ନିର୍ମାଣରେ ଅହେତୁକ ବିଳମ୍ବ ପାଇଁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲ ପାଖରେ ଥିବା ଡାଇଭରଶନ ମଧ୍ୟ ବାରମ୍ବାର ଧୋଇହୋଇ ଯାଉଥିବାରୁ ଯାତାୟାତ ବିପଦସଙ୍କୁଳ ଭାବେ ରହିଛି।

ଏନେଇ ଝୁମ୍ପୁରାସ୍ଥିତ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବଳଭଦ୍ର ମାରାଣ୍ଡି କହିଛନ୍ତି, ନିର୍ମାଣ ସମୟରେ କିଛି ଅସୁବିଧା ସୃଷ୍ଟି ହେବାରୁ ପୋଲ କାମରେ ବିଳମ୍ବ ଘଟିଛି। ସମ୍ପୃକ୍ତ ଠିକାଦାର ଅଧିକ ସମୟ ମାଗିଛନ୍ତି। କିନ୍ତୁ ପୁଣି ଥରେ କେବେ ଧାର୍ଯ୍ୟ ସମୟ ଘୋଷଣା ହେବ, ସେନେଇ କୌଣସି ଉତ୍ତର ଦେଇ ନାହାନ୍ତି। ଏହି ପୋଲ ନିର୍ମାଣ ହେଲେ ମଲଦା ପଞ୍ଚାୟତ ସହିତ ବସନ୍ତପୁର ପଞ୍ଚାୟତକୁ ସିଧାସଳଖ ସଂଯୋଗ ହେବ। ଜଙ୍ଗଲ ଅଞ୍ଚଳବାସୀ ବହୁ ଉପକୃତ ହେବେ।

ନିର୍ମାଣ ଅବଧିକୁ ୮ ମାସ ବିତିଗଲାଣି, ହେଲେ କାମ ସରୁନି। ମୂଳ ପିଲର କାମ ମଧ୍ୟ ଅଧାରେ ଲଟକିଛି। ଏପରି ଝୁମ୍ପୁରା ବ୍ଲକ୍‌ରେ ରାସ୍ତା ଏବଂ ପୋଲ ନିର୍ମାଣ କାମ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଉକ୍ତ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ କରୁଛି। କିନ୍ତୁ କ'ଣ ପାଇଁ ନିର୍ମାଣ କାମ ଅଧାରେ ଲଟକିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।


ଅଧାପନ୍ତରିଆ ପୋଲ।

## ମଣ୍ଡିରୁ ମିଲର୍ କିଣୁନାହାନ୍ତି ଧାନ



ତରତରା ସମବାୟ ସମିତି ଆଗରେ ଚାଷୀଙ୍କ ଫେରାଦ।

■ସମସ୍ୟାରେ ଚାଷୀ
■ତରତରା ସମବାୟ ସମିତିର ଦ୍ୱାରସ୍ଥ

**ଆନନ୍ଦପୁର,୪।୩ (ସ୍ୱ.ପ୍ର.)**

ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କିଣାଯାଉନି । ଧାନ କିଣିଲାବେଳେ କାଟ, ଛାଟ ଏବଂ ମୂଲଚାଲ କରାଯାଉଛି। ୧୭୫୦ ବଦଳରେ ୧୦୫୦ରେ ଧାନ ବିକିବାକୁ ବାଧ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଆନନ୍ଦପୁର ବ୍ଲକ୍ ତରତରା ପଞ୍ଚାୟତ ସମବାୟ ସମିତି ଧାନମଣ୍ଡିରୁ ମିଲର୍ ଧାନ କିଣୁ ନାହାନ୍ତି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଚିତ ମୂଲ୍ୟ ପାଉ ନ ଥିବାରୁ ଚାଷୀମାନେ ଧାନ ବିକି ନ ପାରି ଘରେ ରଖିବାକୁ ବାଧ ହେଉଛନ୍ତି। ଏବେ ବର୍ଷା ଏବଂ ମୂଷାଙ୍କ ଉତ୍ପାତ ଯୋଗୁ ଚାଷୀ ଧାନ ସାଇତିବାରେ ସଙ୍କଟରେ ପଡ଼ିଛି। ମିଲର୍ ସହିତ ମଧୁଚନ୍ଦ୍ରିକା କରି ସମବାୟ ସମିତି ପକ୍ଷରୁ ଧାନ କିଣାଯାଉ ନ ଥିବା କଣ୍ଟିପାଳ ଅଞ୍ଚଳର ପଞ୍ଜୀକୃତ ଚାଷୀ ଅଭିଯୋଗ କରିଛନ୍ତି। ତରତରା ସମବାୟ ସମିତିରେ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଥିବା ଟାର୍ଗେଟ ପୂରା ହୋଇନି। ୮୫୦ କୁଇଣ୍ଟାଲ୍ ଧାନ ଚାଷୀଙ୍କଠାରୁ କିଣିବା ବାକି ଅଛି। ତଥାପି ମଣ୍ଡିରେ ଧାନକିଣା ଯାଇପାରୁନି। କାରଣ ମଣ୍ଡିରୁ ଧାନ ଉଠାଇବା ପାଇଁ ମିଲର୍ ଆସୁ ନ ଥିବା ସମବାୟ ସମିତି କର୍ତ୍ତୃପକ୍ଷ କହିଛନ୍ତି। ଏହାକୁ ନେଇ ରବିବାର ଦିନ ବହୁ ସଂଖ୍ୟାରେ ଚାଷୀ ତରତରା ସମବାୟ ସମିତିର ଦ୍ୱାରସ୍ଥ ହୋଇଥିଲେ। ହେଲେ ମିଲର୍ ଧାନ ନେଉ ନ ଥିବାରୁ ଧାନ କିଣାଯାଇପାରୁନଥିବା କର୍ତ୍ତୃପକ୍ଷ କହିଛନ୍ତି। ତୁରନ୍ତ ଏ ଦିଗରେ ସମାଧାନର ରାସ୍ତା ନ ବାହାରିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚାଷୀ ରବୀନ୍ଦ୍ର ସାହାଣୀ, ଟୁକୁନା ମହାନ୍ତି, ନିରଞ୍ଜନ ଜେନା, ଜଳଧର ଦେହୁରୀ, ପ୍ରକାଶ ସାମଲ, ନିରଞ୍ଜନ ପାଢ଼ୀ, ନିତ୍ୟାନନ୍ଦ ଚିନ୍ନରା, ମଙ୍ଗୁଲୁ ଦାସ, ମନୋରଞ୍ଜନ ପାତ୍ର, ମାନସ ସାହୁ, ଶ୍ରୀମନ୍ତ ଚିନ୍ନରା, ଆନନ୍ଦ ଜେନା ପ୍ରମୁଖ ଚାଷୀ ସୂଚନା ଦେଇଛନ୍ତି।